# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୧୬/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, June 16/2023 | Page 16 | ₹ 7.00 | BALASORE

୪୯ଶ ଭାଗ ୨୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 201 | ମୂଲ୍ୟ₹୭/-



# VIKASH BARGARH
## Outshines in NTA NEET(UG)-2023 Results

Examplified Integrated Academic Excellence ...Soaring to Superiority Consistently

Education World India School Rankings 2022-23 | 3rd RANK in ODISHA

India 15th Rank & No.1 in Western Odisha in Day-Cum-Boarding Schools Category

| Name | AIR | Marks | |
|---|---|---|---|
| DEVSRIYANSHU | AIR OBC 1055 | 666 Marks | Fresher |
| CHANDAN | AIR UR 1926 | 666 Marks | Super40 (SUPER 40 NEET 2022-23) |
| UDAY | AIR OBC 1252 | 665 Marks | Super40 (SUPER 40 NEET 2022-23) |
| PARIMITA | AIR OBC 1306 | 663 Marks | Fresher |

655 Marks Rithik · 646 Marks Bijayanand · 638 Marks Roshni · 633 Marks Smrutirani · 625 Marks Harshit · 612 Marks Suratha · 611 Marks Rohit · 603 Marks Ritik

Scored Above 600 Marks: 12 · Scored Above 500 Marks: 26 · NEET Total Qualified 2023: 210 · Total Expected Government Seats: 30

585 Marks Harsit · 561 Marks Pratik · 561 Marks Renuka · 546 Marks Lineysha · 539 Marks Tushar · 538 Marks Siddharth · 535 Marks Shubhashree · 533 Marks Manisha · 531 Marks Priyadarshini · 531 Marks Rituparna · 510 Marks Adyasha · 509 Marks Amartya · 505 Marks Madhusmita · 502 Marks Afirah · 489 Marks Utpala · 481 Marks Soumya · 480 Marks Samyak · 476 Marks Ashish

## ALL TIME NTA NEET (UG) RESULTS OF VIKASH, BARGARH

| Year | Marks | AIR | Name | College |
|---|---|---|---|---|
| NEET 2021 | 678 | 27 SC | Sanatan Satnami | AIIMS, Bhubaneswar |
| NEET 2021 | 677 | 678 GEN. | Adwait Ku. Dash | AIIMS, Raipur |
| NEET 2020 | 677 | 510 GEN. | Priyanshu Agrawal | BHU, Benaras |
| NEET 2021 | 673 | 347 OBC | Rebati R. Behera | AIIMS, Raipur |
| NEET 2020 | 669 | 407 | Dheeraj Patel | AIIMS, Raipur |
| NEET 2022 | 669 | 1056 GEN. | Abhaya R. Dash | SCB, Cuttack |
| NEET 2020 | 660 | 1420 GEN. | Anuj Bansal | LTMMC, Mumbai |
| NEET 2021 | 659 | 841 OBC | Karan Sahu | SCB, Cuttack |

NEET 2022: 653 Debabrata · 653 Sumit · 644 Omkar · 643 Aditya · 638 Anwesh · 632 Aman · 630 Bansika · 628 Asmi · 626 Anwesha Meher · 618 Anwesha Bhoi · 614 Kiran · 606 Anshuman · 601 Prabhu

NEET 2021: 648 Soumya Rani · 636 Niharika · 625 Anmol · 621 Subhankar · 614 Dev Darshan · 602 Dev Shivam

NEET 2020: 642 Bibudhendra · 640 Sai · 638 Sanket · 635 Adarsh · 631 Ipsita · 623 Subham · 619 Sivananda · 614 Sagar

## JEE (MAINS) RESULT 2023 OF VIKASH, BARGARH

Top Scorers in Total JEE Mains 2023: NAMIT (2022 Batch) 99.24 Percentile · TEJRAJ (2022 Batch) 99.08 Percentile

Top Scorers JEE Mains 2023

Chem. / Total: Chandan 99.68 / 98.44 · Satakshi 99.61 / 98.24 · Rithik 99.44 / 98.08 · Rohit 99.61 / 97.82

Physics / Total: Parimita 99.41 / 97.77 · Chandan 99.27 / 98.44 · Lineysha 99.24 / 97.66 · Rithik 99.08 / 98.08 · Piyushkanta 99.02 / 97.72

Scored Above 99 in Chem.: 05 · Scored Above 99 in Total: 02 · Scored Above 99 in Physics: 06 · Scored Above 96 in Total: 15 · JEE Total Qualifying 2023: 65

## Admissions Open For Session 2023-24

**Nursery to CBSE IX & XI**
- Class XI Science with IIT/JEE Coaching • Class XI Science with NEET Coaching • Class XI Science with CUET Coaching
- General Science • Commerce • Humanities

**CHSE +2 1st Year**
- CHSE +2 Science with IIT/JEE Coaching • CHSE +2 Science with NEET Coaching • CHSE +2 Science with CUET Coaching
- Science • Commerce 77490 49908, 94393 53433

**SUPER 40 NEET** — 1 Year Extended NEET (Medical) Entrance Regular Classroom Programme

**SUPER 40 JEE** — 1 Year Extended JEE Mains/Advanced Entrance Regular Classroom Programme

(For 12th CBSE/CHSE/ICSE/Other Boards Pass Out Students)

Batch-1 Classes started from 12th June 2023 | Batch-2 Offline classes starts from 1st July 2023

Vikash Educational Institutions, Bargarh (Odisha)

Vikash Knowledge Hub, Barahaguda, Bargarh (Odisha) +91 99376 18855 / 86583 61100 / 93373 10441 / 70644 13441

## ଗଛ ତଳେ ଚାପିହୋଇ ସାଇକେଲ ଚାଳକ ଗୁରୁତର

ଖୁଣ୍ଟା.(ଦେବ ରଞ୍ଜନ ବେହେରା): ଖୁଣ୍ଟା ବ୍ଲକ ଡ଼େଙ୍ଗାମ ପଞ୍ଚାୟତ ଅଞ୍ଚଳରେ ଗଛ ପଡ଼ି ଜଣେ ସାଇକେଲ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବିପ୍ରଚରଣପୁର ଗ୍ରାମର ପରେଶ ପାତ୍ର (୫୦)। ଗୁରୁବାର ମଧ୍ୟାହ୍ନ ସମୟରେ ସେ କରକଟିଆ-ଅଣ୍ଡିଆଟିକିରା ଆରଡି ରାସ୍ତା ଦେଇ ସାଇକେଲ ଯୋଗେ ଯାଉଥିଲା ବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛ ତାଙ୍କ ଉପରେ ଉପୁଡି ପଡ଼ିଥିଲା। ଫଳରେ ଗଛ ତଳେ ସେ ଚାପି ହୋଇ ରହି ଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ବୃଦ୍ଧଙ୍କ ଆତ୍ମହତ୍ୟା

ରୂପସା,୧୫।୬(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ବ୍ଲକର ବାହାବଳପୁର ସାମୁଦ୍ରିକ ଥାନା ଅଧୀନ ବାହାବଳପୁର ଗ୍ରାମର ଜଣେ ବୃଦ୍ଧ ବୁଧବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଶଙ୍କର୍ଷଣ ମାଇତି (୬୨)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ବାହାବଳପୁରର ଶଙ୍କର୍ଷଣ ମାଇତି ନିଜ ଘର ପଛପଟେ ଥିବା ଏକ ନିମ୍ବଗଛରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ତାଙ୍କର ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ତାଙ୍କ ସ୍ତ୍ରୀ ମଧ ୪ବର୍ଷ ତଳେ ଫାଶୀ ଦେଇ ଆତ୍ମହତ୍ୟା କରିଥିଲେ। ତାଙ୍କର ପୁଅ ନ ଥିବା ବେଳେ ୫ଜଣ ଝିଅ ଅଛନ୍ତି। ସମସ୍ତ ଝିଅ ବିବାହିତା। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ସଚ୍ଚିଦାନନ୍ଦ ଗିରି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

### ପୂଜ୍ୟପୂଜା ସଂସଦ ପକ୍ଷରୁ ସମ୍ବର୍ଦ୍ଧନା

ଖଇରା, ୧୫।୬(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକର ବୁଢ଼ାଗଡିଆଠାରେ ପୂଜ୍ୟପୂଜା ସଂସଦ ପକ୍ଷରୁ ବ୍ଲକର ମାଟ୍ରିକ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଂସଦର ସଭାପତି ସୁଦାମ ଚରଣ ରାଉତ, ଅଧାପକ ଅଭୟ କୁମାର ମାହାନ୍ତି, ସଂସଦ ଉପସଭାପତି ସୁବାଷ ସାମଲ, ଗୌରରାଧା ଶିକ୍ଷାକେନ୍ଦ୍ରର ପ୍ରଧାନଆଚାର୍ଯ୍ୟା ବାସନ୍ତୀ ସାମଲ, ରବୀନ୍ଦ୍ରନାଥ ବେହେରା, ମୁରଲୀଧର ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ବ୍ଲକ ଟପ୍ପର ସୁରକ୍ଷା ମହାପାତ୍ର, ମୋନାଲିସା ସାହୁ, ପ୍ରାଚୀପ୍ରତ୍ୟାଶା ପୁହାଣ, ପ୍ରତ୍ୟାଶା ପ୍ରିୟଦର୍ଶିନୀ ବାରିକ, ପଳାସପୁର ହାଇସ୍କୁଲର ନମ୍ରତା ମହାକୁଡ, ସୌରରଞ୍ଜନ ଦଳେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା +୨ ବାଣିଜ୍ୟରେ ବ୍ଲକ ଟପ୍ପର ହୋଇଥିବା ନରୋତ୍ତମ ମହାକୁଡଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସଂସଦର ସମସ୍ତ ସଦସ୍ୟ ଏଥିରେ ଉପସ୍ଥିତ ଥିଲେ।

### ବାଥୁଡ଼ି ସମାଜ ପାଳିଲା ରଜପର୍ବ

ଉଦଳା,୧୫।୬(ସନ୍ତୋଷ କୁମାର ବାଛିନୀ)- ବାଥୁଡି ସମାଜ ପକ୍ଷରୁ ଉଦଳା ବ୍ଲକରେ ଥିବା ବିଭିନ୍ନ ଗ୍ରାମରେ ରଜପର୍ବ ପାଳିତ ହୋଇଯାଇଛି। ସମାଜର ଇଷ୍ଟଦେବ ବଡାମ ଠାକୁରଙ୍କୁ ପ୍ରଥମ ପହିଲି ରଜରେ ପୂଜାର୍ଚ୍ଚନା କରିବା ସହିତ ବାଥୁଡି ସମାଜର ମହିଳା ଏବଂ ଯୁବତୀମାନେ ନୂଆ ଶାଢ଼ୀ ପିନ୍ଧି ଆମ୍ବତୋଟାରେ ରଜ ଦୋଳି ଗାନ କରି ରଜପର୍ବ ପାଳନ କରୁଥିବା ଏକ ନିଆରା ପରମ୍ପରା ରହିଛି। ଖଲାଡି ପଞ୍ଚାୟତର ବେଗୁନିଆଡିହା, ଖଲାଡି, ପଣସଗଡି, ଶ୍ରୀଦାମଚନ୍ଦ୍ରପୁର, କୁଣ୍ଡାବାଇ, ବଡଖମଣ, ନାହ୍ନୁଆ, କୁଟଲିଂ ଆଦି ଗ୍ରାମରେ ବସବାସ କରୁଥିବା ବାଥୁଡି ଗ୍ରାମବାସୀମାନେ ଏହି ରଜପର୍ବକୁ ବେଶ୍ ଆନନ୍ଦ ଉଲ୍ଲାସ ଦୋଳି ଝୁଲି, ଦୋଳି ଗୀତ ଗାଇ ମନାଇଛନ୍ତି। ଉଦଳା ବ୍ଲକ ବାଥୁଡି ସମାଜର ସଭାପତି ଶତ୍ରୁଘନ ବିଶ୍ୱାଳଙ୍କ ସହିତ ଉଦଳା ବିଧାୟକ ଭାସ୍କର ମଢେଇ ବିଭିନ୍ନ ଗ୍ରାମକୁ ଯାଇ ବାଥୁଡି ସମ୍ପ୍ରଦାୟର ମହିଳା, ଯୁବତୀ ଯୁବକମାନଙ୍କୁ ରଜପର୍ବ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ସେହିଭଳି ଉଦଳା ସହରାଞ୍ଚଳରେ ୧ ନଂ. ୱାର୍ଡର ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣ ଏବଂ ହୋଟେଲ ସିପ୍ରନ ଇନରେ ସ୍ୱତନ୍ତ୍ର ଭାବରେ ରଜ ଉତ୍ସବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଯୁବକ ଯୁବତୀ ମହିଳା ଯୋଗଦେଇ ରଜ ମଉଜ ଉଠାଇଛନ୍ତି।

### ଯୁବକଙ୍କ ଅକାଳ ବିୟୋଗ

ପାଟଣା,୧୫।୬(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ଡିଆନାଳି ଗ୍ରାମରେ ଯୁବକଙ୍କ ଅକାଳ ବିୟୋଗ ହୋଇଛି। ମୃତକ ଉକ୍ତ ଗ୍ରାମର ଜାଗର ନାଏକ(୨୭)। ଜାଗର ବୁଧବାର ରାତି ୯ ଟାରେ ଖାଇ ସାରି ଘରେ ଶୋଇଥିବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟଣା ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ (ନଂ. ୧୮/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି। ହୃତଘାତ୍‌ରେ ମୃତ୍ୟୁ ହୋଇଥିବା ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ଲକ୍ଷ୍ମଣ କୁମାର ମହାନ୍ତ କହିଛନ୍ତି।

# ବିଦ୍ୟୁତ୍ କାଟ୍: ସବୁଠି ତେଜିଲା ଅସନ୍ତୋଷ

## ଭାଜପା ପକ୍ଷରୁ ପ୍ରତିବାଦ ସଭା


ବାଲିଆସ୍ଥିତ ଟାଟାପାୱାର ଅଫିସ ସମ୍ମୁଖରେ ଭାଜପାର ଗଣଧାରଣା।

ବାଲେଶ୍ୱର, ୧୫।୬(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାରେ ଅଘୋଷିତ ବିଦ୍ୟୁତ କାଟ୍, ଲୋ ଭୋଲଟେଜ୍, ଗ୍ରାହକ ଶୋଷଣ ନୀତି ବିରୋଧରେ ଭାଜପା ପକ୍ଷରୁ ଗୁରୁବାର ଟାଟା ପାୱାର ଅଫିସ ଆଗରେ ଗଣଧାରଣା, ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି।

ଏହି ପରିପ୍ରେକ୍ଷୀରେ ଜିଲା ଭାଜପା ପକ୍ଷରୁ ଟାଟା ପାୱାରର ବାଲିଆସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା। ଆୟୋଜିତ ସଭାରେ ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଟାଟା ପାୱାରର ମନମୁଖୀ କାର୍ଯ୍ୟକଳାପକୁ ନିନ୍ଦା କରିବା ସହିତ ରାଜ୍ୟ ସରକାରଙ୍କୁ ଦୃଢ଼ ସମାଲୋଚନା କରି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଚେତାବନୀ ଦେଇଥିଲେ। ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶିବଶଙ୍କର ପ୍ରଧାନ, ଜିଲା ସମ୍ପାଦିକା ମହୁଆ ପ୍ରଧାନ, ସସ୍ମିତା ଚାନ୍ଦ, ଆରସିଏମ୍ଏସ୍ ସଭାପତି ସର୍ବେଶ୍ୱର ମହାନ୍ତି, କାଉନସିଲର ନିରୁପମା ଦାଶ, ସତ୍ୟଶିବସୁନ୍ଦର ଦାଶ, ଜିଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ମମତା ମହାପାତ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଅପାରଗତା ତଥା ଶକ୍ତିମନ୍ତ୍ରୀଙ୍କ ନୀରବତା ବିରୋଧରେ ବର୍ଷିଥିଲେ।

ସେହିପରି ରେମୁଣା ଭାଜପା ତରଫରୁ ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍(ଟିପିଏନ୍‌ଓଡ଼ିଏଲ୍) ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ପ୍ରତିବାଦ ଶୋଭାଯାତ୍ରା ଏବଂ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ କାର୍ଯ୍ୟକର୍ତ୍ତା ରେମୁଣା ଗୋଲେଇ ବ୍ରିଜ ତଳଠାରୁ ଶୋଭାଯାତ୍ରାରେ ବାହାରି ଟାଟା ପାୱାର ଗେଟ୍ ପର୍ଯ୍ୟନ୍ତ ଯାଇଥିଲେ। ପରେ ରେମୁଣା ନିର୍ବାଚନମଣ୍ଡଳୀର ଆବାହକ କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ନାରୀନେତ୍ରୀ ଶୋଭନା ମହାନ୍ତି, ଚନ୍ଦ୍ରକାନ୍ତି ପ୍ରଧାନ, ସିପ୍ରା ମହାପାତ୍ର, ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା, ମଳୟ କୁମାର ବିଶ୍ୱାଳ, ମଣ୍ଡଳ ସାଧାରଣ ସମ୍ପାଦକ ଉମାକାନ୍ତ ଜେନା, ଯୁବମୋର୍ଚ୍ଚା ଉପସଭାପତି ସୋବୁଧ ଚନ୍ଦ୍ର ପଣ୍ଡା, ସମ୍ପାଦକ ନାରାୟଣ ମହାନ୍ତ ପ୍ରମୁଖ ଟାଟା ପାୱାର ମନମୁଖୀ କାର୍ଯ୍ୟକଳାପ ବିଷୟରେ ବକ୍ତବ୍ୟ ରଖିଥିଲେ।

## ନୀଳଗିରି ବିଦ୍ୟୁତ୍ ଅଫିସ ଆଗରେ ଧାରଣା

ନୀଳଗିରି/ଭୋଗରାଇ, ୧୫।୬ (ପ୍ରଶାନ୍ତ ବିଶ୍ୱାଳ/ ପ୍ରଦୀପ ଦାସ)

ଅଘୋଷିତ ବିଦ୍ୟୁତକାଟ ପ୍ରତିବାଦରେ ଗୁରୁବାର ନୀଳଗିରି ଟିପିଏନ୍‌ଓଡିଏଲ୍ ଷ୍ଟ୍ରକଚର ଅଫିସ୍ ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି।

ଖରାଦିନେ ବିଦ୍ୟୁତ୍‌କାଟ ଲୋକଙ୍କୁ ବହୁ ବାଧୁଛି। ପ୍ରତ୍ୟେକ ଦିନ ଶତାଧିକ ଉପଭୋକ୍ତା ଅଧିକ ବିଲ୍‌କୁ ନେଇ ଟାଟାପାୱାର ଅଫିସକୁ ଯାଉଛନ୍ତି। ତେବେ ଅଘୋଷିତ ବିଜୁଳି କାଟକୁ ନେଇ ଭାଜପା ସବୁ ଟାଟା ପାୱାର ଅଫିସ୍ ଆଗରେ ୨ ଦିନିଆ ପ୍ରତିବାଦ ସଭା କରୁଛି। ଏହି କ୍ରମରେ ଗୁରୁବାର ବାଲେଶ୍ୱର ଜିଲା ନୀଳଗିରି ଟାଟା ପାୱାର କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ତାଙ୍କ ବକ୍ତବ୍ୟରେ ସାଧାରଣ ଲୋକ ହଇରାଣ ହେଲେ ସରକାରଙ୍କର କିଛି ଯାଏ ଆସେ ନାହିଁ ବୋଲି କହିଥିଲେ। ଲୋକଙ୍କଠାରୁ ଟଙ୍କା ନେଇ ଉପଯୁକ୍ତ ସେବା ଦେବାରେ ଟାଟା କମ୍ପାନୀ ବ୍ୟର୍ଥ ହୋଇଛି। ଏ ଦିଗରେ କମ୍ପାନୀ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏ ଆନ୍ଦୋଳନ ଆହୁରି ତୀବ୍ରତର ହେବାର ସୂଚନା ମିଳିଛି। ଏହି ଧାରଣାରେ ଭାଜପା ଜିଲା ଉପସଭାପତି ଗଙ୍ଗାଧର ମିଶ୍ର ଓ କରୁଣାକର ପଣ୍ଡାଙ୍କ ସହିତ ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଉପେନ୍ଦ୍ର ଦାସ, ତାପସ ମହାନ୍ତି, ରାଧାଗୋବିନ୍ଦ ଖଟୁଆ, ରାମକୃଷ୍ଣ ମହାପାତ୍ର, ସମର ଶେଖର କାନୁନଗୋ, ଜିଲା ସମ୍ପାଦିକା ରେଣୁ ବିଶ୍ୱାଳ, ସତ୍ୟବାନ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ।


ଭାଜପା ପକ୍ଷରୁ ଅନୁଷ୍ଠିତ ଧାରଣାରେ ଏମ୍‌ପି ପ୍ରତାପ ଷଡଙ୍ଗୀ ବକ୍ତବ୍ୟ ଦେଉଛନ୍ତି।

ସେହିପରି ଭୋଗରାଇ ନିର୍ବାଚନମଣ୍ଡଳୀ ଭାଜପା ଶାଖା ପକ୍ଷରୁ ଦେହୁର୍ଦ୍ଦାସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ନେତା ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ ୫୦ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଭାଜପା ପ୍ରତିନିଧିମାନେ ଥାନାଛକରୁ ଏକ ଶୋଭାଯାତ୍ରା ବାହାରି ସରକାରୀ ବିରୋଧୀ ସ୍ଲୋଗାନ ଦେଇ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାଜପା ନେତା ପରମାନନ୍ଦ ପରିଡା, ବ୍ରଜକିଶୋର ମହାନ୍ତି, କ୍ୟାପଟେନ ଅଶୋକ ଦାସ, ରବୀନ୍ଦ୍ର ରାଉତ, ଭଗିରଥ ପୁଷ୍ଟି, ସୁଦୀପ୍ତ ଆଚାର୍ଯ୍ୟ, ମଣିଶଙ୍କର ପଟ୍ଟନାୟକ, ବନମାଳୀ ଦାସ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଭାଜପା ନେତା ଶକ୍ତିମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ପରେ ଭାଜପାର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ବାରିପଦା/ମୋରଡ଼ା,୧୫।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲାରେ ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଜିଲା(ପୂର୍ବ) ଭାଜପା ପକ୍ଷରୁ ଗୁରୁବାର ବାରିପଦା ବାଘଡାରୋଡସ୍ଥିତ ଟିପିଏନ୍‌ଓଡିଏଲର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ବିଦ୍ୟୁତ ବିଭାଗର କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହିଭଳି ଘଟଣାରେ ଶକ୍ତିମନ୍ତ୍ରୀ ତୁରନ୍ତ ଇସ୍ତଫା ପ୍ରଦାନ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ବିଜୁଳି କାଟ୍ ଘଟଣାର ତୁରନ୍ତ ସମାଧାନ କରା ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କଡା ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି କାନ୍ଦରା ସୋରେନ, ରାଜ୍ୟ କମିଟିର ସଦସ୍ୟ ଡ.କୃଷ୍ଣଚନ୍ଦ୍ର ମହାପାତ୍ର, ସୁଜାତା ମୁର୍ମୁ, କବି ବିଷ୍ଣୁ ଶତପଥି, ଜିଲା ସାଧାରଣ ସମ୍ପାଦକ ଇଂ.ବିଜୟ କୁମାର ଦାସ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ଫାଗୁ ହାଁସଦା, ଶୋଭାବତୀ ଓତା, ନିରଞ୍ଜନ ଦାଶ, ରତିକାନ୍ତ ମହାନ୍ତଙ୍କ ସମେତ ଅନେକ କର୍ମକର୍ତ୍ତା ସାମିଲ ଥିଲେ। ସେହିପରି ମୋରଡ଼ା ବ୍ଲକ ଅଧୀନ ବରକନ୍ଦସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଛି। ମୋରଡା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ।



ବାରିପଦାରେ ଭାଜପା କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ପ୍ରତିବାଦରେ ବିକ୍ଷୋଭ, ସହର ପରିକ୍ରମା

ଭଦ୍ରକ/ ବାସୁଦେବପୁର,୧୫।୬ (ସନାତନ ରାଉତ/ ନାରାୟଣ ପ୍ରସାଦ ବାରିକ)

ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ ଗୁରୁବାର ବନ୍ତ ବ୍ଲକ ଭାଜପା ପକ୍ଷରୁ ଛୟାଳସିଂ ସବଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଣ୍ଡଳ ସଭାପତି ଖଗେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାନସଭା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳ ଯୋଗଦେଇ ଓଡ଼ିଶା ସରକାର ଟାଟା ପାୱାର କମ୍ପାନୀ ପାଖରେ ବନ୍ଧା ପଡ଼ିଥିବା ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ନବ କିଶୋର ବଳ, ଶିବାନନ୍ଦ ଦାସଅଧିକାରୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ, ଗୋପାଳ କୃଷ୍ଣ ଦାଶ, ସନ୍ତୋଷ ନାୟକ, କିଶୋର କିଙ୍କର ପଡ଼ିଆରୀ, ମନୋଜ ବିଶ୍ୱାଳ ପ୍ରମୁଖ ରାଜ୍ୟ ସରକାରଙ୍କ ବିଫଳତାକୁ ସମାଲୋଚନା କରିଥିଲେ। ବରିଷ୍ଠ ନେତା ଧ୍ରୁବ ମାଝୀ, ବାବୁ ଦାସ, କିଶୋର ବିଶ୍ୱାଳ, ରମାକାନ୍ତ ନାୟକ, ଅଶୋକ ମହାନ୍ତି, ରାଜେଶ ପଣ୍ଡା, ଜିତେନ ନାଥ, ଗଦାଧର ରାଉତ, ଲକ୍ଷ୍ମୀଧର ଖିଲାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବାସୁଦେବପୁର ଭାଜପା ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା ସହ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା କରାଯାଇଛି। ଶତାଧିକ ଭାଜପା କର୍ମୀ ଓ ସମର୍ଥକ ସହର ପରିକ୍ରମା କରିଥିଲେ। ବିକ୍ଷୋଭରେ ଭାଜପା ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, ବରିଷ୍ଠ ଭାଜପା ନେତା ମଧୁସୂଦନ ପାଢ଼ୀ, ଅଶୋକ କୁମାର ସାହୁଙ୍କ ସମେତ କର୍ମୀମାନେ ଯୋଗ ଦେଇଥିଲେ। ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଦାବି


ବଡ଼ବିଲ ଟିପିଏନଓଡିଏଲ କାର୍ଯ୍ୟାଳୟ ପରିସରରେ ଭାଜପା କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ।

ବଡ଼ବିଲ,୧୫।୬ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲରେ ଅଘୋଷିତ ଓ ବାରମ୍ବାର ବିଦ୍ୟୁତ କାଟ ପ୍ରତିବାଦରେ ଭାଜପା ପକ୍ଷରୁ ବଡ଼ବିଲସ୍ଥିତ ଟିପିଏନଓଡିଏଲ କାର୍ଯ୍ୟାଳୟ ଆଗରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ପକ୍ଷରୁ ଏକ ଶୋଭାଯାତ୍ରା ବଡ଼ବିଲ କାର୍ଯ୍ୟାଳୟରୁ ବାହାରି ବଡ଼ବିଲସ୍ଥିତ ଟିପିଏନଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହ କର୍ମୀମାନେ ସାମିଲ ହୋଇଥିଲେ। ଭାଜପା କେନ୍ଦୁଝର ଜିଲା ଉପ-ସଭାପତି ତଥା ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସଂଯୋଜକ ଦେବପ୍ରସାଦ ମିଶ୍ର, ଜିଲା ଉପ-ସଭାନେତ୍ରୀ ସ୍ୱପ୍ନା ସାହୁ ଓ ଜିଲା ମହିଳା ମୋର୍ଚ୍ଚା ଉପ-ସଭାନେତ୍ରୀ ଶ୍ରଦ୍ଧାଞ୍ଜଳି କର ପ୍ରମୁଖ ଯୋଗଦେଇ କମ୍ପାନୀ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିମନ୍ତେ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ବିଦ୍ୟୁତ୍ ବିଭାଗ (ଟିପିଏନଓଡିଏଲ)ର ଉପଖଣ୍ଡ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ଉଭୟ ଛୁଟିରେ ଥିବା ଜାଣି ଭାଜପା ନେତୃ ବର୍ଗ ପ୍ରଶ୍ନ ଉଠାଇଥିଲେ। ଆଗାମୀ ଦିନରେ ସମସ୍ୟାରେ ସୁଧାର ନ ହେଲେ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



ଭାଜପା କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସୁରେଶ ଚନ୍ଦ୍ର ରାଉତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବନ୍ତ,୧୫।୬(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ୍ ଛୟାଳସିଂ ପଞ୍ଚାୟତ ମଙ୍ଗୁଲିଠାରେ ବ୍ଲକ୍ କଂଗ୍ରେସର ଟାଣୁଆ ନେତା ସ୍ୱର୍ଗତ ସୁରେଶ ଚନ୍ଦ୍ର ରାଉତଙ୍କର ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ସୁରେଶ ରାଉତ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ମୃତି ସଂସଦର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ଅନନ୍ତ ପ୍ରସାଦ ସେଠୀ, ପଞ୍ଚାନନ ମଣ୍ଡଳ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଭାଜପା ନେତା ପଞ୍ଚାନନ ରାଉତ, ରାଜ୍ୟ ବିଜେଡି ସମ୍ପାଦିକା ସୁଜାତା ଜେନା, ଭଣ୍ଡାରିପୋଖରୀ କଂଗ୍ରେସ ନେତା ସୁବ୍ରତ ଦାସ, ପ୍ରାକ୍ତନ ଜିଲା କଂଗ୍ରେସ ସଭାପତି ସୁଧାକର ରାଉତ, ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ସାମାଜିକ କର୍ମୀ ଲାଲା ସ୍ୱାଇଁ, ଇଂ. ଲକି ମାଷ୍ଟର ସ୍ୱାଇଁ, ବ୍ଲକ୍ କଂଗ୍ରେସ ସଭାପତି ରାଜ କିଶୋର ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ରବି ନାରାୟଣ ମହାନ୍ତି, ଆନନ୍ଦ ଚନ୍ଦ୍ର ଓଝା, ରାଜୀବଗାନ୍ଧୀ ସେବା ସଙ୍ଗଠନର ଜିଲା ସଭାପତି ପ୍ରଦ୍ୟୁମ୍ନ ଦାସ, ଯୁବନେତା ଜ୍ୟୋତି ରଞ୍ଜନ ନାୟକ, ଇଂ.ସୁଧାଂଶୁ ନାୟକ, ଗୋପିନାଥପୁର ସରପଞ୍ଚ ସବିତା ନାୟକ, ପ୍ରାକ୍ତନ ସରପଞ୍ଚ ପ୍ରଦୀପ୍ତ ନାୟକ, ସତ୍ୟବାନ ଦାସ, ଖଗେଶ୍ୱର ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଶେଷରେ ସ୍ମୃତି ସଂସଦର ସଭାପତି ମାର୍କଣ୍ଡ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଆୟୋଜିତ ସଭାରେ ଉପସ୍ଥିତ ଅତିଥିମାନେ।

## ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଆତ୍ମହତ୍ୟା

କେନ୍ଦୁଝର,୧୫।୬(ନରେଶ ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତ କଶିରା ଗ୍ରାମରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ଗ୍ରାମର ନବୀନ କୁମାର ଦେଓଙ୍କ ପୁଅ ସ୍ମୃତି ରଞ୍ଜନ ଦେଓ(୨୬)। କେନ୍ଦୁଝର ଜିଲାରେ ଏକ ବିଦ୍ୟୁତ୍‌ବିଭାଗ ସଂସ୍ଥା ଅଧୀନରେ ଠିକା ଲାଇନ୍ ମ୍ୟାନ ଭାବେ କାର୍ଯ୍ୟ କରୁଥିଲେ।

ପୋଲିସ ସୂଚନା ମୁତାବକ, ସ୍ମୃତି ବୁଧବାର ରାତିରେ ଖାଇ ଘରେ ଶୋଇଥିଲେ। ଗୁରୁବାର ସକାଳେ ନ ଉଠିବାରୁ ପରିବାର ଲୋକେ କବାଟ ଖୋଲି ସ୍ମୃତିଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଥିଲେ। ତୁରନ୍ତ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ (ନଂ. ୩୩/୨୩)ରେ ମାମଲା ରୁଜୁ ହୋଇଛି। ପ୍ରେମ ସମ୍ପର୍କକୁ ନେଇ ମାନସିକ ବିଷାଦରେ ଆତ୍ମହତ୍ୟା କରିଥିବା କୁହାଯାଉଛି। ମୋବାଇଲ ଜବତ ହୋଇଛି, ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସଦର ଥାନା ଅଧିକାରୀ ସୁଶାନ୍ତ ଦାଶ କହିଛନ୍ତି।

## ସୀତାବିଞ୍ଜିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

ଢେଙ୍କିକୋଟ,୧୫।୬(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ମନୋହରପୁର ପଞ୍ଚାୟତର ପର୍ଯ୍ୟଟନସ୍ଥଳୀ ସୀତାବିଞ୍ଜିରେ ରଜ ଅବସରରେ ଭକ୍ତଙ୍କ ସମାଗମ ହୋଇଛି। ଗୁରୁବାର ପବିତ୍ର ରଜ ସଂକ୍ରାନ୍ତିରେ ମାଆଙ୍କ ମୁଖ୍ୟ ପୂଜକ ଦେହୁରୀ ନାରଣଙ୍କ ଦ୍ୱାରା ପୂର୍ବାହ୍ନ ୫ଟାରୁ ସ୍ନାନାଦି କାମ ଶେଷକରି ପୂଜାପାଠ କରାଯାଇଥିଲା। ପରେ ସାଧାରଣ ଦର୍ଶନ ରଖାଯାଇଥିଲା। ରଜ ପର୍ବରେ ୪ ଦିନ ଧରି ଜିଲା ତଥା ଜିଲା ବାହାରର ଭକ୍ତ ଆସିଥାଆନ୍ତି। ୩୦୦ରୁ ଊର୍ଦ୍ଧ୍ୱ ଦୋକାନ ପଡ଼ିଛି। ଘଟଗାଁ ବ୍ଲକ୍‌ର ୨୭ ପଞ୍ଚାୟତରେ ଥିବା ହୋ ମୁଣ୍ଡା ସମ୍ପ୍ରଦାୟର ଲୋକମାନେ ଚଳିତବର୍ଷ ନୃତ୍ୟକଳା ପ୍ରଦର୍ଶନ କରୁଛନ୍ତି। ରଜ ସଂକ୍ରାନ୍ତିରେ ଲକ୍ଷାଧିକ ଭକ୍ତ ସୀତାନଦୀରେ ବୁଡ଼ ଦେଇ ମାତା ସୀତା ଓ ଯମଜ ପୁତ୍ରଙ୍କୁ ଦର୍ଶନକରି ପିତୃ ପୁରୁଷଙ୍କ ସଦ୍‌ଗତିର କାମନା କରିଥିଲେ।

ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ରାମଚନ୍ଦ୍ରଙ୍କ ଆଦେଶରେ ଲକ୍ଷ୍ମଣ ସୀତାଙ୍କୁ ଏକାକୀ ଜଙ୍ଗଲରେ ଛାଡ଼ି ଦେଇଥିଲେ। ଲକ୍ଷ୍ମଣ ଛାଡ଼ି ଆସିଥିବା ଜଙ୍ଗଲରେ ସୀତା କାନ୍ଦି କାନ୍ଦି ବଣରେ ବୁଲୁଥିବା ବେଳେ ଋଷି ବାଲ୍ମିକୀ ତାଙ୍କୁ ଆଶ୍ରମକୁ ନେଇଥିଲେ। ସେଠାରେ ସୀତା ୨ ଯମଜ ପୁତ୍ର ଲବ, କୁଶଙ୍କୁ ଜନ୍ମ ଦେଇଥିଲେ। ଉକ୍ତ ସ୍ଥାନକୁ ଏବେ ସୀତାବିଞ୍ଜି କୁହାଯାଉଛି। ଏଠାରେ ସେମାନେ ସମସ୍ତେ ପାଷାଣ ହୋଇ ଯାଇଛନ୍ତି। ସେବେଠାରୁ ଦେହୁରୀ ସମ୍ପ୍ରଦାୟ ଜନଜାତିଙ୍କୁ ସ୍ୱପ୍ନାଦେଶ ଅନୁଯାୟୀ ପୂଜାକରି ଆସୁଛନ୍ତି। ଅପୁତ୍ରିକ ନାରୀ ଗୁରୁବାର ସ୍ନାନ ଓ ଉପବାସ ରହି ଯମଜ ପୁତ୍ରଙ୍କୁ କାଖ କଲେ ପୁତ୍ରବତୀ ହୋଇଥାଏ। ରଜ ସଂକ୍ରାନ୍ତି ପରଦିନ ସୀତାବିଞ୍ଜି ମା' ସୀତା ଠାକୁରାଣୀଙ୍କ ପାଦଦେଶ ଦେଇ ବହିଯାଇଥିବା ସୀତାନଦୀରେ ବୁଡ଼ ପକାଇ ମାତା ସୀତା ଓ ଯମଜ ପୁତ୍ର ଲବ କୁଶଙ୍କୁ ଦର୍ଶନ କଲେ ପିତୃ ପୁରୁଷଙ୍କ ଆତ୍ମା ସ୍ୱର୍ଗଗାମୀ ହୋଇଥାଏ ବୋଲି ବିଶ୍ୱାସ ରହିଛି। କମିଟିର ସଭାପତି ମନୋହରପୁର ପୂର୍ବତନ ସରପଞ୍ଚ ଦୁଃଶାସନ ନାୟକ, ସମ୍ପାଦକ ମନୋଜ ନାୟକ, ଦୁଃଖବନ୍ଧୁ ପଲେଇ, ନିତ୍ୟାନନ୍ଦ ନାୟକ, ସୂର୍ଯ୍ୟମଣି ନାୟକ, ସୁରେଶ ନାୟକ, ଅନାଦି ଚରଣ ନାୟକ, ଋଷିନାଥ ମୁଣ୍ଡା, କର୍ଣ୍ଣ ମହାରଣା ପ୍ରମୁଖ ସହଯୋଗ କରୁଛନ୍ତି।



## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଯୋଡ଼ା, (ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ଆଜାଦନଗରଠାରେ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ଆଜାଦନଗର ଏମ୍‌ଡି ଆରିଫ (୩୭)। ପାରିବାରିକ କଳହକୁ ନେଇ ସେ ତାଙ୍କର ଶୋଇବା ଘରେ ଭିତର ପାର୍ଶ୍ୱରୁ କବାଟ ବନ୍ଦ କରି ବେକରେ ଫାଶି ଲଗାଇଥିବା କୁହାଯାଉଛି। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା (ନଂ. ୨୨/୨୩)ରେ ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇ ଅଧିକ ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି।

# ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟ ନିମ୍ନମାନର

**କେନ୍ଦୁଝର,୧୫।୬(ନରେଶ ପଟ୍ଟନାୟକ)**

■କାର୍ଯ୍ୟସ୍ଥଳରେ ସୂଚନା ଫଳକ ନାହିଁ
■ପ୍ରତିବାଦ ଜଣାଇଲେ ସରପଞ୍ଚ

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ମୁଖ୍ୟାଳୟରେ ସରକାରଙ୍କ ପକ୍ଷରୁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଚାଲିଛି। ଏହାକୁ ନେଇ ବ୍ଲକ୍‌ବାସୀ ସ୍ୱାଗତ କରିଥିଲେ ହେଁ ନିମ୍ନମାନର କାର୍ଯ୍ୟକୁ ନେଇ ଅସନ୍ତୋଷ ବଢ଼ୁଛି। ଏହାକୁ ନେଇ ଝୁମ୍ପୁରା ସରପଞ୍ଚ ବାରମ୍ବାର ସ୍ଥାନୀୟ ତହସିଲକୁ ଜଣାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏ ନେଇ କାମ ବନ୍ଦ କରି ମାନ ଯାଞ୍ଚ କରା ନ ଗଲେ ପୁଞ୍ଜୀଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେବ ବୋଲି ସରପଞ୍ଚ ରେବତୀ ବିରୁଆ କହିଛନ୍ତି।

ପ୍ରକାଶ ଯେ, ଉକ୍ତ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ କିଛି ବର୍ଷ ତଳେ ଭିତ୍ତି ପ୍ରସ୍ତର ସ୍ଥାପନ ସମୟରେ ସ୍ଥାନୀୟ ଲୋକେ ସାମିଲ ହୋଇ ସବୁ ସହଯୋଗ ଯୋଗାଇଦେଇଥିଲେ। ତେବେ ଉପଯୁକ୍ତ ତଦାରଖ ଅଭାବରୁ ନିର୍ମାଣ କାମରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ମୁଖ୍ୟତଃ ସୂଚନା ଫଳକ ନ ଥିବାରୁ କାମର ମୂଲ୍ୟ, ସମୟ ଅବଧି ତଥା ଅନ୍ୟାନ୍ୟ ସୂଚନା ଲୋକମାନେ ଜାଣିପାରୁନାହାନ୍ତି। ସେହିପରି ମାଟି/ମୋରମ ବଦଳରେ କଳାଗୁଣ୍ଡ ଯୁକ୍ତ ବର୍ଜ୍ୟ ବ୍ୟବହାର କରାଯାଉଛି। କଂକ୍ରିଟ କାମରେ ସିମେଣ୍ଟ, ବାଲି, ଚିପ୍ସ ଭାଗମାପ ଠିକ୍ ରହୁନାହିଁ। ରାସ୍ତାକଡ଼, ସରକାରୀ ସ୍ଥାନରୁ ଠିକା ସଂସ୍ଥା ମାଟି ଆଣି କାମରେ ବ୍ୟବହାର କରୁଛି। କାମରେ ବିଳମ୍ବ ହେଉଥିବାରୁ ଲୋକମାନଙ୍କ ଯାତାୟାତରେ ନାନା ସମସ୍ୟା ସୃଷ୍ଟି ହେଉଥିବା ସରପଞ୍ଚଙ୍କ ସମେତ ସ୍ଥାନୀୟ ବାସିନ୍ଦା କହିଛନ୍ତି। ସେହିପରି ପ୍ରବଳ ଖରାରେ କାମ ହେଉଥିଲେ ହେଁ ପାଣି ସିଞ୍ଚନ ହେଉ ନ ଥିବାରୁ କଂକ୍ରିଟ୍ ଫାଟିଲାଣି। ସ୍ଥାନୀୟ ଲୋକଙ୍କୁ କର୍ମନିଯୁକ୍ତି ନ ଦେଇ ବାହାର ଲୋକଙ୍କୁ କାମରେ ଲଗାଯାଇଥିବା ଏବଂ ଶ୍ରମ ଆଇନ ମୁତାବକ ସେମାନଙ୍କୁ ସର୍ବନିମ୍ନ ମଜୁରି, ସୁବିଧା, ସୁରକ୍ଷା ଆଦି ଦିଆଯାଉ ନାହିଁ। ଶ୍ରମ ବିଭାଗ ପକ୍ଷରୁ ଯାଞ୍ଚ ସହ ବ୍ଲକ୍, ପ୍ରଶାସନ ପକ୍ଷରୁ ସରପଞ୍ଚଙ୍କ ସମେତ ସ୍ଥାନୀୟ ବାସିନ୍ଦା ସୁକରମଣୀ ମୁଣ୍ଡା, ଲଳିତା ନାଏକ, ସାହଦେବ ସଏ, ଜେମା ମୁଣ୍ଡା, ଅଞ୍ଜଳୀ କୁମାରୀ, ରାସ ନାଏକ ପ୍ରମୁଖ ଲିଖିତ ଭାବେ ସ୍ଥାନୀୟ ତହସିଲଦାରଙ୍କୁ ଜଣାଇବା ସହ କପି ଜିଲାପାଳ, ଉପଜିଲାପାଳ, ୫-ଟି ସଚିବ, ପୋଲିସ ହାଉସିଂ ବୋର୍ଡ କର୍ପୋରେଶନଙ୍କୁ ପ୍ରଦାନ କରିଥିବା କହିଛନ୍ତି। ଝୁମ୍ପୁରା ଭାରପ୍ରାପ୍ତ ତହସିଲଦାର ତଥା ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକ କହିଛନ୍ତି, ଅଭିଯୋଗ ମିଳିଛି। ଘଟଣାସ୍ଥଳକୁ ଯାଇ ଯାଞ୍ଚ ପରେ ଠିକା ସଂସ୍ଥାକୁ ଠିକ୍ ଭାବେ କାମ କରିବାକୁ କୁହାଯାଇଥିବା କହିଥିଲେ।


ନିର୍ମାଣାଧୀନ ନୂତନ ବସ୍‌ଷ୍ଟାଣ୍ଡ।

# ୧୫ଫୁଟ ଉଚ୍ଚକୁ ଉଠିବ ୩ ମହଲା କୋଠା

**ବାରିପଦା ,୧୫।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ସହରରେ ଥିବା ଏକ ୩ ମହଲା କୋଠାକୁ ଜ୍ୟାକ ମାଧ୍ୟମରେ ୧୫ଫୁଟ ଉଚ୍ଚକୁ ଉଠାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ସହରର ୨୫ନଂ.ୱାର୍ଡ ଦେବେନ୍ଦ୍ରପୁରର ସାରଦା ବିଦାରଙ୍କ ଏହି ଘର ଉଠାଇବା କାର୍ଯ୍ୟ ପାଇଁ ଖର୍ଚ୍ଚ ହେବ ପ୍ରାୟ ୧୩ଲକ୍ଷ ଟଙ୍କା। କାମରେ ଲାଗିଛନ୍ତି ହରିୟାଣା ଅଞ୍ଚଳରୁ ଆସିଥିବା କୁଶଳୀ ଶ୍ରମିକମାନେ। ଧୀରେ ଧୀରେ ୨ ମାସ ଭିତରେ କାମ ସାରିବାକୁ ଲକ୍ଷ୍ୟ ରଖିଛନ୍ତି ଠିକାଦାର। ଘର କାମ ନେଇଥିବା ଠିକାଦାର ଏମିତି କୋଠା ଉଠାଇବା କାମ ବହୁ ବର୍ଷ ଧରି କରିଆସୁଛନ୍ତି,କିନ୍ତୁ କେଉଁଠି ବି କିଛି ସମସ୍ୟା ଦେଖାଦେଇନି ଓ ଉକ୍ତ ଘର ଉପରକୁ ଉଠିବା ପରେ କୌଣସି ସମସ୍ୟା ହେବ ନାହିଁ ବୋଲି କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଘର ମାଲିକ ବହୁ ବର୍ଷ ତଳେ ଏହି ୩ ମହଲା ଘର ନିର୍ମାଣ କରିଥିଲେ। ରାସ୍ତା କାମ ଯୋଗୁ ଘର ତଳେ ରହିଯାଇଥିଲା। ବର୍ଷା ଦିନେ ପାଣି ଜମି ରହୁଥିଲା। ତେଣୁ ଘର ଭାଙ୍ଗି ଆଉ ଥରେ ତିଆରି କରିବା ପାଇଁ ସାହି ପଡ଼ିଶା ଓ ସମ୍ପର୍କୀୟ ପରାମର୍ଶ ଦେଉଥିଲେ। ମାତ୍ର ସେ ଘର ନ ଭାଙ୍ଗି ନୂଆ ଟେକ୍ନୋଲୋଜି ସମ୍ପର୍କରେ ତଥ୍ୟ ପାଇ ଘର ଉଠାଇବାକୁ ହରିୟାଣାରୁ ମିସ୍ତ୍ରୀ ଡାକି ଥିବା ସୂଚନା ମିଳିଛି।

# ବିଦ୍ୟୁତ୍ ବିଭ୍ରାଟକୁ ନେଇ ଉତ୍ତେଜନା

**କୁଳିଅଣା, ୧୫।୬(ଆଦିକନ୍ଦ ସାହୁ/ ଗୋପୀନାଥ ବେହେରା)**

**କନିଷ୍ଠଯନ୍ତ୍ରୀଙ୍କୁ ଠେଲାପେଲା**

ଅସହ୍ୟ ତାତି ସାଙ୍ଗକୁ ଗୁଳୁ ଗୁଳି ଯୋଗୁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ କୁଳିଅଣା ବ୍ଲକ୍ ଦେଇଯାଇଥିବା ୧୮ନଂ.ଜାତୀୟ ରାଜପଥର ଜେଜେ ଢାବା ନିକଟରେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଥିଲା। କୁଳିଅଣା ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରାକୋ ହଟିଥିଲା। ସେହିପରି ଗୁରୁବାର କଳାବାଡ଼ିଆ ଷ୍ଟ୍ରକଚର ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ନେଇ ଅସନ୍ତୋଷ ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ସ୍ଥାନୀୟ କନିଷ୍ଠଯନ୍ତ୍ରୀଙ୍କୁ ଠେଲାପେଲା କରିଥିବା ସୂଚନା ମିଳିଛି। କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ମହାନ୍ତଙ୍କୁ ପଚାରିବାରୁ ଏସଡିଓଙ୍କ ସହିତ କଥା ହୋଇ ଥାନାରେ ଅଭିଯୋଗ କରିବି ବୋଲି କହିଛନ୍ତି।

## ସଂକ୍ଷେପରେ

### ବ୍ଲକସ୍ତରୀୟ ଲୋକକଳା ଦିବସ

ସୋର, ୧୫।୬(ଜନ୍ମେଜୟ ମିଶ୍ର)-ସୋର ବ୍ଲକ ସଭାଗୃହରେ ବହୁ କଳାକାରଙ୍କ ସମାବେଶରେ ବ୍ଲକସ୍ତରୀୟ ଲୋକକଳା ଦିବସ ମହାଆଡ଼ମ୍ବରରେ ପାଳିତ ହୋଇଛି। ଏଥିରେ ବରିଷ୍ଠ କଳାକାର ଯଦୁନାଥ ଦୀକ୍ଷିତ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା ଅନୁସୂୟା ମଲିକ, ସୋର ବିଡ଼ିଓ ଲୋକକଳା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ସଭାରେ ଲୋକ କଳା ଉପସଭାପତି ଉପେନ୍ଦ୍ର କୁମାର ଜେନା ମୁଖ୍ୟବକ୍ତା ତଥା କଣ୍ଠଶିଳ୍ପୀ ସତ୍ୟନାରାୟଣ ପଣ୍ଡା ଲୋକକଳା ଉପରେ ଆଲୋକପାତ କରିଥିଲେ। ଲୋକକଳା ଉତ୍ସବରେ ବଂଶୀଧର ପଣ୍ଡା ପାଲା ପରିବେଷଣ କରିଥିଲେ। ସେହିପରି ଲକ୍ଷ୍ମୀମଣି ବେହେରା ଝୋଟି, ଶ୍ୟାମସୁନ୍ଦର ଧଳ ସଙ୍ଗୀତ ପରିବେଷଣ କରିଥିଲେ। ନିର୍ମଳା ବିଶ୍ୱାଳ ପୁଚି ଖେଳ ଏବଂ ଅନ୍ୟାନ୍ୟ କଳାକାର ଲକ୍ଷ୍ମୀକାନ୍ତ ମହାରଣା, ଜୟକୃଷ୍ଣ ନାୟକ, ମାଧବ ପାଣି, ଉମାମଣି ପାଢ଼ୀ, ଅନ୍ନପୂର୍ଣ୍ଣା ବାରିକ, ଭାଗବତ ବେହେରା, ଖଗେନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ରାଉତ, ବନମାଳୀ ବେହେରା ପ୍ରମୁଖ ଅନ୍ୟାନ୍ୟ କଳାକାର ନିଜର କଳା ପରିବେଷଣ କରିଥିଲେ। ଏହି ବ୍ଲକସ୍ତରୀୟ ଲୋକକଳା ଦିବସର ମୁଖ୍ୟ ପ୍ରଯୋଜକ ବଂଶୀଧର ପଣ୍ଡା ଏବଂ ସମ୍ପାଦକ ମାଧବ ପାଣିଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ଅବସରରେ କଳାକାରମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସମ୍ପାଦକ ମାଧବ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

### ବୈଶିଙ୍ଗାରେ ରଜ ଉତ୍ସବ

ବୈଶିଙ୍ଗା,୧୫।୬(ରତନ ଦାସ)- ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଏବଂ ଏହାର ଆଖପାଖ ଅଞ୍ଚଳରେ ରଜ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ରଜ ଉତ୍ସବକୁ ଅଧିକ ରୁଦ୍ଧିମନ୍ତ କରିବାପାଇଁ ପ୍ରଥମ ଥର ପାଇଁ ବୈଶିଙ୍ଗାରେ ଆଞ୍ଚଳିକ ରଜ ଉତ୍ସବ ଆୟୋଜିତ ହୋଇଯାଇଛି। ଛୋଟଛୋଟ ଝିଅପୁଅଙ୍କ ମଧ୍ୟରେ ଜୁନିଅର ଏବଂ ସିନିଅର ଗ୍ରୁପକୁ ନେଇ ପୁଚି ଖେଳ, ବେଲୁନ ଫୁଙ୍କା, ପିଠା ତିଆରି , ବ୍ରେକ ଡ୍ୟାନ୍ସ, ଶଙ୍ଖ ଫୁଙ୍କା ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପିଠା ତିଆରି ପ୍ରତିଯୋଗିତାରେ କେବଳ ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକ ଭାଗ ନେଇଥିବା ବେଳେ ଲକ୍ଷ୍ମୀ ନାରାୟଣ ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ସିନିୟର୍ ନୃତ୍ୟ ପ୍ରତିଯୋଗିତାରେ ବର୍ଷାରାଣୀ ପଣ୍ଡା , ଜୁନିୟର ନୃତ୍ୟ ପ୍ରତିଯୋଗିତାରେ ଆହାନା ମହାପାତ୍ର , ଶଙ୍ଖ ଫୁଙ୍କାରେ ନିରୁପମା ସେଠୀ, ବେଲୁନ ଫୁଙ୍କାରେ ଟିନା ସିଂ ପ୍ରଥମ ପୁରସ୍କାର ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ୱାର୍ଡସଭ୍ୟା ଜୟନ୍ତୀ ପୁଥାଳ , ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବେନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା, ଶିଶୁ ମଙ୍ଗଳ ଅଧିକାରିଣୀ ପ୍ରୀତିସୁଧା ତ୍ରିପାଠୀ, ବୈଶିଙ୍ଗା ସରପଞ୍ଚ ସାବିତ୍ରୀ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ବୈଶିଙ୍ଗା ଗ୍ରାମ କମିଟି ସଭାପତି ସବ୍ୟସାଚୀ ପଣ୍ଡା, ସମ୍ପାଦକ ସର୍ବେଶ୍ୱର ଦାସ, ସରୋଜ ପୁଥାଳ, ଉତ୍ସର୍ଗ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲା ରକ୍ତଦାତା ସଂଘ ପକ୍ଷରୁ ଚାରାରୋପଣ

ବାଲିଆପାଳ, ୧୫।୬(ଗୋପାଳ ଚନ୍ଦ୍ର ସାହୁ)-ବାଲେଶ୍ୱର ଜିଲା ରକ୍ତଦାତା ସଂଘର ୨୦ତମ ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ଗୁରୁବାର ବାଲିଆପାଳ ଶାରୀରିକ ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ରକ୍ତଦାତା କମିଟି ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ଇଂ. ଡ. ହୃଷିକେଶ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିଆପାଳ ଶାରୀରିକ ଶିକ୍ଷା ପ୍ରଶିକ୍ଷଣ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା କୃଷି ବୈଜ୍ଞାନିକ ଡ. ଅଦୈତ୍ୟ ପାତ୍ର, ସଦସ୍ୟ ସଚିବ ଡ. ଶ୍ରୀକାନ୍ତ ମିଶ୍ର, ମହାବିଦ୍ୟାଳୟ ଅଧକ୍ଷ ଡ. ସୁଶାନ୍ତ କୁମାର ଦେ, ଅଧାପକ ଡ. ସୁଶାନ୍ତ ଦାସ, ଅବସରପ୍ରାପ୍ତ ପ୍ରାଧାପକ କୁଞ୍ଜକାନ୍ତ ପାତ୍ରଙ୍କ ସହିତ ବହୁ ଖବରଦାତା, ମହାବିଦ୍ୟାଳୟର କର୍ମଚାରୀ ଛାତ୍ରୀଛାତ୍ର, ନିଜ ହାତରେ ଗୋଟିଏ ଲେଖାଏଁ ବଉଳ ଗଛର ଚାରାରୋପଣ କରି ଗଛ ବଡ଼ ହେବା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାର ଶପଥ ନେଇଥିଲେ। ଯେପରି ଗୋଟିଏ ବିନ୍ଦୁ ରକ୍ତରେ ଗୋଟାଏ ଜୀବନ ବଞ୍ଚିଥାଏ। ସେହିପରି ଗୋଟିଏ ବୃକ୍ଷ ଗୋଟିଏ ଜୀବନ ବଞ୍ଚାଇ ଦେଇଥାଏ ବୋଲି ଅତିଥିମାନେ କହିଥିଲେ। ମହାବିଦ୍ୟାଳୟ ପରିସରରେ ୧୦୦ଟି ବଉଳ ଚାରାରୋପଣ କରାଯିବା ପରେ ଆଗାମୀ ଦିନରେ ବିଭିନ୍ନ ପ୍ରକାର ଫୁଲ, ଫଳ ଗଛ ଲଗାଯିବ ବୋଲି ରକ୍ତଦାତା କମିଟି ସଭାପତି ଚକ୍ରବର୍ତ୍ତୀ କହିଛନ୍ତି।

# ୨୨ରେ ୫-ଟି ସଚିବଙ୍କ ନୀଳଗିରି ଗସ୍ତ


ନୀଳଗିରି ବିଜେଡିର ପ୍ରସ୍ତୁତି ବୈଠକ।

**ନୀଳଗିରି, ୧୫।୬(ପ୍ରଶାନ୍ତ ବିଶ୍ୱାଳ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟର ସମୀକ୍ଷା କରିବା ସହ ସମାଜର ବିଭିନ୍ନବର୍ଗର ଜନସାଧାରଣଙ୍କୁ ଭେଟିବା ପାଇଁ ୫-ଟି ସଚିବ ଭି.କେ. ପାଣ୍ଡିଆନ ଆସନ୍ତା ୨୨ ତାରିଖରେ ନୀଳଗିରି ଗସ୍ତ କରିବେ।ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ନୀଳଗିରିସ୍ଥିତ ଡାକବଙ୍ଗଳା ପରିସରରେ ବିଜୁ ଜନତା ଦଳ ତରଫରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୁ ଜନତା ଦଳର ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ବିଜେଡି ନେତା ଶରତ ରାଜ, ନୀଳଗିରି ବ୍ଲକ ସଭାପତି ବିଜୟ କୁମାର ଲେଙ୍କା, ଏନ୍‌ଏସି ଅନୁସୂଚିତ ଜାତି ସଭାପତି ଶରତ ଦାସ, ସାମାଜିକ କର୍ମୀ ଉଦୟଜ୍ୟୋତି ମହାନ୍ତି, ଅନ୍ତର୍ଯ୍ୟାମୀ ବୁଗୁଡ଼ାଇ, ଜଳଧର ନାୟକ, ପ୍ରଭାକର ଦାସ, ଧରେନ୍ଦ୍ର ମୁଦୁଲି, ଜ୍ଞାନରଞ୍ଜନ ପାଣିଆ, ପ୍ରଫୁଲ୍ଲ କୁମାର ଦାସ ଓ ଦୀପ୍ତିକାନ୍ତ ଦାସ ପ୍ରମୁଖ ଯୋଗଦେଇ ଗସ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ନେଇ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ବିଜେଡି ସଦସ୍ୟ ବ୍ଲକ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

# 'କପାଳୀକ୍ଷେତ୍ର ରଜ ଉତ୍ସବ ସବୁଠୁ ଚିତ୍ତାକର୍ଷକ'

**ବନ୍ତ,୧୫।୬(ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକ୍ ନିମାପଡା କପାଳୀକ୍ଷେତ୍ରଠାରେ ୮ମ ବାର୍ଷିକ ଶ୍ରୀ ଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବ ଅନୁଷ୍ଠିତ ହେଉଛି। ଗୁରୁବାର ୨ୟ ସନ୍ଧ୍ୟାରେ ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ ଦେଖିଛି, କପାଳୀକ୍ଷେତ୍ରର ରଜ ସବୁଠୁ ଚିତ୍ତାକର୍ଷକ ବୋଲି କହିଥିଲେ। ନାଟ୍ୟକାର ଡଃ. ସୁଧାଂଶୁ ନାୟକଙ୍କ ସଭାପତିତ୍ୱରେ ପ୍ରାକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳ, ସୁବ୍ରତ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟିର ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ରଜ କବିତା ଆସର ଓ ରଜ କୁଇନ୍ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ରଜରେ ଉତ୍କଳୀୟ ସଂସ୍କୃତି ଅନ୍ତର୍ନିହିତ ହୋଇଛି'

**ପାଟଣା,୧୫।୬(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ କୁଆପଶି ପଡ଼ିଆରେ ଲକ୍ଷ୍ମୀ ନାରାୟଣ କ୍ଲବ୍ ପକ୍ଷରୁ ଗୁରୁବାର ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଗଦାଧର ମହାନ୍ତ, ସମ୍ମାନିତ ଅତିଥିଭାବେ ବଡ଼ପାଟଣା ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ, କ୍ଲବ୍‌ର ସଭାପତି ପବିତ୍ର ମୋହନ ମହାନ୍ତ, ସମ୍ପାଦକ ବିଶ୍ୱନାଥ ମହାନ୍ତ ଯୋଗ ଦେଇଥିଲେ। ଅନୁରୂପ ବ୍ଲକ୍‌ର କେନ୍ଦେଇ ପଶି ଛକ ପଡ଼ିଆରେ ଡ୍ରିମ୍ ଟିମ୍ ପକ୍ଷରୁ ରଜ ମହୋତ୍ସବର ଦ୍ୱିତୀୟ ଆସର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡ୍ରିମ୍ ଟିମ କ୍ଲବ୍ ସଭାପତି ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଆକାଶବାଣୀ କେନ୍ଦୁଝରର ନିର୍ଦ୍ଦେଶକ ସିପାହୀ ମୁର୍ମୁ, ସମ୍ମାନିତ ଅତିଥିଭାବେ ରାଜ୍ୟ କୁଡୁମିସେନା ଉପସଭାପତି ତଥା କେନ୍ଦେଇ ପଶିର ପୂର୍ବତନ ସମିତିସଭ୍ୟ ମିତ୍ରଭାନୁ ମହାନ୍ତ, ଅଲ ଇଣ୍ଡିଆ ରେଡ଼ିଓ କେନ୍ଦୁଝର ପ୍ରୋଗ୍ରାମ ଅଫିସର ଏ ଝା, ଅଫିସ ଇନଚାର୍ଜ ଦିଲ୍ଲୀପ ଦାସ, ପ୍ରୋଗ୍ରାମ କମ୍ପୋଜର ସାଲେଗ୍ରାମ ପାତ୍ର ପ୍ରମୁଖ ଉପସ୍ଥିତ ରହି ରଜ ପର୍ବରେ ଉତ୍କଳୀୟ ସଂସ୍କୃତି ଅନ୍ତର୍ନିହିତ ରହିଛି ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଡ୍ରିମ୍ ଟିମ୍‌ର ସରୋଜ ବାରିକ, ଶୁଭଶ୍ରୀ ନାୟକ, ରୀନା ନାୟକ, ଅମିତ ବାରିକ ଓ ଟିକେଶ୍ୱର ନାୟକ ପରିଚାଳନା କରିଥିଲେ।

# ବାଙ୍ଗିରିପୋଷିରେ ୩ ଘଣ୍ଟା ବନ୍ଦ ସଫଳ

**ବାଙ୍ଗିରିପୋଷି,୧୫।୬(ସଞ୍ଜୟ ଅଗ୍ରୱାଲ)**

**ଆଦିବାସୀ ସେଙ୍ଗେଲ ଅଭିଯାନର ଭାରତ ବନ୍ଦ ଡାକରା**

ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ବିଭିନ୍ନ ଦାବି ନେଇ ପୂର୍ବତନ ଏମ୍‌ପି ସାଲଖାନ ମୁର୍ମୁଙ୍କ ଆହ୍ୱାନ କ୍ରମେ ବାରିପଦା ଜୋନାଲ କମିଟିର ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଗୁରୁବାର ବାଙ୍ଗିରିପୋଷିଠାରେ ୪୯ନଂ. ଜାତୀୟ ରାଜପଥ ୩ ଘଣ୍ଟା ଧରି ଅବରୋଧ କରାଯାଇଥିଲା । ସେଙ୍ଗେଲ ଅଭିଯାନର ଜୋନାଲ ଉପସଭାପତି ବାହାଦୁର ମୁର୍ମୁ, ଉପଖଣ୍ଡ ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ, ସେଙ୍ଗଲ ବିଡିଓ ବନମାଳୀ ହାଁସଦା, ବାରିପଦା ଜୋନାଲ ସାଇସ ପ୍ରେସିଡେଣ୍ଟ ଜିତେନ୍ଦ୍ର ହେମ୍ବ୍ରମ, ପଥ ମୁର୍ମୁ, ଉଧ୍ରାନ ହାଁସଦା,କୋଶରାୟ ସୋରେନ, ପରେଶ ଚନ୍ଦ୍ର ଦେହୁରୀ, ହରି ମୁର୍ମୁ, ଚୈତନ୍ୟ ହେମ୍ବ୍ରମ, ମାଧବ ମୁର୍ମୁ, ଦୁର୍ଗା ହାଁସଦା,ବାବଲୁ ମୁର୍ମୁ,ଆଇତୁରାମ ମୁର୍ମୁ,ଶିବୁ ହେମ୍ବ୍ରମ,ରାଇସେନ ହେମ୍ବ୍ରମ, ଶାଙ୍କାଇ ହେମ୍ବ୍ରମ, ମଙ୍ଗଳ ସୋରେନ, ଭାଗିରଥୀ ଟୁଡୁ, ଗୋପୀନାଥ ମାଝୀ, ହାରପାଳ ହାଁସଦା, ବାହାଦୂର ମୁର୍ମୁ, ଚନ୍ଦ୍ରମୋହନ ମୁର୍ମୁ, ଛୁଟୁରାମ ବିନ୍ଧାଣୀ ପ୍ରମୁଖ ସେଙ୍ଗଲ କର୍ମୀ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାତୀୟ ରାଜ ରାଜପଥ ଅବରୋଧ କରାଯିବ ବୋଲି ଅଭିଯାନପକ୍ଷରୁ ଚେତାବନୀ ଦିଆଯାଇଛି।

# ଠିକାଦାରଙ୍କୁ ଭୁଜାଲିରେ ହାଣିଲେ ଯୁବକ

ଜଳେଶ୍ୱର, ୧୫।୬(ରବି ନାରାୟଣ ପାତ୍ର)-ମଜୁରି ଟଙ୍କା ନ ଦେବାରୁ ଠିକାଦାରଙ୍କୁ ଜଣେ ଯୁବକ ଭୁଜାଲିରେ ଆକ୍ରମଣ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଘଟଣା ଘଟିଛି ଜଳେଶ୍ୱର ଥାନା ଅଞ୍ଚଳରେ। ଗୋବର୍ଦ୍ଧନପୁର ଗ୍ରାମର ଠିକାଦାର ଚନ୍ଦନ ନାଥ ସେହି ଗ୍ରାମର ସଞ୍ଜୟ ନାଥଙ୍କୁ ଚଣ୍ଡିଖୋଲ ଅଞ୍ଚଳର ରତ୍ନଗିରିକୁ ରେଳଲାଇନ୍ କାମ ଲାଗି ନେଇଯାଇଥିଲେ। ସଞ୍ଜୟ ସେଠାରେ ପ୍ରତିଦିନ ୩୦୦ ଟଙ୍କା ମଜୁରୀରେ ରୋଷେଇ କରୁଥିଲେ। ୧୪ ଦିନ ପରେ ସଞ୍ଜୟ ତାଙ୍କ ପ୍ରାପ୍ୟ ଅର୍ଥ ବାରମ୍ବାର ଚନ୍ଦନଙ୍କୁ ମାଗିଥିଲେ । ମାତ୍ର ସେ ନ ଦେବାରୁ ସଞ୍ଜୟ ନିଜ ଗ୍ରାମକୁ ଫେରିଆସି ଚନ୍ଦନଙ୍କୁ ଅପେକ୍ଷା କରି ରହିଥିଲେ। ଚନ୍ଦନ ରାୟାଁରାମଚନ୍ଦ୍ରପୁର ଗାଁରୁ ଫେରୁଥିବା ବେଳେ ସାନରାଉତପଡା ଗାଁ ନିକଟରେ ସଞ୍ଜୟ ଏକ ଭୁଜାଲିରେ ଆକ୍ରମଣ କରିଥିଲେ। ଚନ୍ଦନଙ୍କ ପେଟ, ହାତ ଓ ବେକର ଗଭୀର କ୍ଷତ ହେବାରୁ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ ଜମାଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜିକେଭଟ୍ଟର ହସ୍‌ପିଟାଲ ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସଞ୍ଜୟଙ୍କୁ ଅଟକ ରଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ଭୁଜାଲି ଜବତ କରିବା ସହିତ ସଞ୍ଜୟଙ୍କୁ ପ୍ରାଥମିକ ଚିକିତ୍ସା ପରେ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

# ଗ୍ରୀଷ୍ମକାଳୀନ ଶିକ୍ଷକ ପ୍ରଶିକ୍ଷଣ ଶିବିର

**ଭଣ୍ଡାରିପୋଖରୀ,୧୫।୬ (ରବିନାରାୟଣ ଖିଲାର)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀସ୍ଥିତ ଶାରଦା ବିଦ୍ୟା ମନ୍ଦିର ସଭାକକ୍ଷରେ ୪ ଦିନ ବ୍ୟାପି ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଯାଜପୁର ଜିଲାର ଟୋଲକାନି ମହାବିଦ୍ୟାଳୟର ଅଧକ୍ଷ ଡ. କ୍ଷୀରୋଦ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ତଥା ଶିକ୍ଷାବିତ୍ ଚକ୍ରଧର ପ୍ରଧାନ, ସମ୍ମାନିତ ଅତିଥିରୂପେ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ନିର୍ମଳ ସେନାପତି ଯୋଗଦେଇଥିଲେ। ପ୍ରଥମ ଦିବସରେ ଡ. କ୍ଷୀରୋଦ ଚନ୍ଦ୍ର ବେହେରା ଗଣିତ ଶିକ୍ଷଣର କୌଶଳ, ଗଣିତ ଶିକ୍ଷକର ମୂଲ୍ୟାୟନ ସମ୍ପର୍କରେ ତାଲିମ ଦେଇଥିଲେ। ଦ୍ୱିତୀୟ ଦିବସରେ କେନ୍ଦୁଝର ଜିଲାର ଅସିଆମୁଣ୍ଡ ସହ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରାକାର ଜେନା, ତୃତୀୟ ଦିବସରେ ଭଦ୍ରକ ଜିଲାର ଆଗରଡ଼ାସ୍ଥିତ ଜିଲା ଶିକ୍ଷା ଓ ବୈଷୟିକ ପ୍ରତିଷ୍ଠାନର ଏଜୁକେଟର ଡ.ପ୍ରଦୀପ କୁମାର ନାୟକ ତାଲିମ ପ୍ରଦାନ କରିଥିଲେ। ଶେଷ ଦିନ ମାର୍ଗଦର୍ଶକ ରୂପେ ବରିଷ୍ଠ ଆଇଜୀବୀ ଚକ୍ରଧର ପ୍ରଧାନ ଯୋଗଦେଇଥିଲେ। ବରିଷ୍ଠ ଗୁରୁମା ସୁସ୍ମିତା ସ୍ୱାଇଁ ଶେଷ ଦିବସରେ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶାରଦା ବିଦ୍ୟାମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ନିତ୍ୟାନନ୍ଦ ସେନାପତି, କେଶବ ଚନ୍ଦ୍ର ସେଠୀ, ସୁଶାନ୍ତ ପଣ୍ଡା, ବସନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

# ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଖୁଣ୍ଟା/ଗୋପବନ୍ଧୁ ନଗର.୧୫।୬ (ଦେବ ରଞ୍ଜନ ବେହେରା/ଶାନ୍ତନୁ ମଢୁଆଳ)**

ଖୁଣ୍ଟା ଥାନା ଅଧୀନ ପି.କେ.ଜୟପୁର ରାସ୍ତା ଶିଳଘାଟୀ ଛକଠାରେ ଗୁରୁବାର ସନ୍ଧ୍ୟାରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, କୁଶଳଦା ପଟୁ ଏକ ପଲସର ବାଇକ୍ ଯୋଗେ ଦାମାସାହି ଗ୍ରାମର ମୁଟରାମ ସିଂଙ୍କ ପୁଅ ଯୋଗେନ୍ଦ୍ର (୨୧) ଓ ତାଙ୍କ ସାଙ୍ଗ ସେହି ଗ୍ରାମର ରାମ ସିଂ ଖୁଣ୍ଟା ଅଭିମୁଖେ ଆସୁଥିଲେ। ବାଇକଟି ଶିଳଘାଟୀ ଗ୍ରାମଠାରେ ଏକ ବାଛୁରି ସହିତ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ଉଭୟ ଗୁରୁତର ହୋଇ ରାସ୍ତାରେ ପଡ଼ି ରହିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ଖବରପାଇ ଖୁଣ୍ଟା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଖୁଣ୍ଟାଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଯୋଗେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ରାମଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

# ଜନତା ସେବା କେନ୍ଦ୍ରର ସାଧାରଣ ଅଧିବେଶନ


ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଅତିଥି।

**ଭଦ୍ରକ,୧୫।୬(ସନାତନ ରାଉତ/ରବିନାରାୟଣ ଖିଲାର)**

ଭଦ୍ରକ ଜିଲା ଚରମ୍ପା ଡଗରାସାହିସ୍ଥିତ ସେବା ଯତ୍ନ ସ୍ୱେଚ୍ଛାସେବୀ ସଂଗଠନ ଜନତା ସେବା କେନ୍ଦ୍ରର ବାର୍ଷିକ ଉତ୍ସବ ଓ ସାଧାରଣ ଅଧିବେଶନ ୧୬ ନଂ. ଜାତୀୟ ରାଜପଥ ଧାମରା ବ୍ରିଜ ନିକଟ ଅଗ୍ରୱାଲା ପ୍ୟାଲେସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ସଭାପତି ବିଶ୍ୱନାଥ ଅଗ୍ରୱାଲଙ୍କ ସଭାପତିତ୍ୱରେ ଉପଦେଷ୍ଟା ନିରାକାର ଜେନା, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା ବାର୍ଷିକ ବିବରଣୀ ପାଠ ଅବସରରେ ଡଗରାସାହିଠାରେ ଉଡ଼ନ୍ତା ପୋଲ କାର୍ଯ୍ୟକାରୀ, ଷ୍ଟେସନର ଦକ୍ଷିଣ ପାର୍ଶ୍ୱ ଉଡ଼ନ୍ତା ପୋଲ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରାଯିବା ପାଇଁ ରେଳ ବିଭାଗକୁ ପରାମର୍ଶ ଦେବାକୁ ଏମ୍‌ପି ଓ ବିଧାୟକଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ରାମଚନ୍ଦ୍ର ବିହାରୀ ଲାଲ ବିଦ୍ୟାଳୟ ଓ ପପସିଂ ବାଳିକା ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଦାୟାଦ ଧର୍ମସିଂ ଗୁପ୍ତା, ମଦନ ମୋହନ ଗୁପ୍ତା ଓ କେଦାରନାଥ ଗୁପ୍ତାଙ୍କୁ ମରଣୋତର ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ୟୁପିଏସ୍‌ସି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଭଦ୍ରକ ବଙ୍କସାହିର ସୁଶ୍ରୀ ଶୁଭାଙ୍ଗୀ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ୨୦୨୩ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପିଲାଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କୁଳମଣି ବେହେରା, ବାବୁଲାଲ ଦାସ, ରମେଶ ଚନ୍ଦ୍ର ଦାସ, ରତ୍ନାକର ହାତୀ, ଶଶଧର ମହନୀ, ସୁବ୍ରତ ଦାସ, ସୁଶାନ୍ତ ଚୌଧୁରୀ, ସାଧୁଚରଣ ଦାସ ଯୋଗ ଦେଇଥିଲେ। ସେବାକେନ୍ଦ୍ରର କାର୍ଯ୍ୟକାରୀ ସଭାପତି କୈଳାଶ ଚନ୍ଦ୍ର ମହାପାତ୍ର ବାର୍ଷିକ ଅଧିବେଶନକୁ ସଂଚାଳନ କରିଥିଲେ।

## ବାଉଁଶୁଳି ସଂରକ୍ଷିତ ଜଙ୍ଗଲରେ ନିଆଁ

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରି ବିଟ୍ ବାଉଁଶୁଳି ସଂରକ୍ଷିତ ଜଙ୍ଗଲରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଅନେକ ଗଛ ଜଳି ଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବାରୁ ଅଳ୍ପ ସମୟ ମଧ୍ୟରେ ୧୦ ଏକର ପରିମିତ ଜଙ୍ଗଲକୁ ନିଆଁ ବ୍ୟାପି ଯାଇଥିଲା। ପାଟଣା ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ମହାନ୍ତ ଓ ଖିରେଇଟାଙ୍ଗିରି ବନପାଳ ସୁନିତା ବୋଘେଲଙ୍କ କର୍ମଚାରୀଙ୍କ ଉଦ୍ୟମରେ ନିଆଁ ଆୟତ୍ତ ହୋଇଥିଲା। ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜଙ୍ଗଲ ଜଳିବାରୁ ରାସ୍ତା ଘାଟ ଧୂଆଁ ମୟ ହୋଇ ଉଠିଥିଲା।

## ଗୋପବନ୍ଧୁ ନଗର, ବଡ଼ସାହିରେ ଉଡ଼ାଯାତ୍ରା

ଗୋପବନ୍ଧୁ ନଗର/ବଡ଼ସାହି,୧୫ା୬ (ଶାନ୍ତନୁ କୁମାର ମଣ୍ଡୁଆଳ/ ସମ୍ବିତ କୁମାର ରାଉତ )

ରଜ ସଂକ୍ରାନ୍ତି ଅବସରରେ ଗୋପବନ୍ଧୁ ନଗର ଓ ବଡ଼ସାହି ବ୍ଲକ ଅଞ୍ଚଳରେ ଉଡ଼ାପର୍ବ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତର ପାଳଶା, ପଶୁଦା, କୁଆମରା ଓ ସାଇଁକୁଳା ପଞ୍ଚାୟତର ଭାନପୁରଠାରେ ମା' ବାସୁଳୀ ଓ ମଙ୍ଗଳାଙ୍କ ପୀଠରେ ପାରମ୍ପରିକ ଉଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ସେହିପରି ବଡ଼ସାହି ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ଓ କୁରାଢ଼ୀହା ଗ୍ରାମରେ ଉଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମୋଟ ୧୦ଜଣ ଭକ୍ତ ଉଡା ଖୁଣ୍ଟରେ ଉଡିଥିବା ବେଳେ ମାନସିକ ରଖିଥିବା ମୋଟ ୭ ଜଣ ଉପାସକ ପିଠିରେ କଣ୍ଟା ଫୋଡ଼ା କାର୍ଯ୍ୟ କରିଥିଲେ। ଏଥି ପୂର୍ବରୁ ପ୍ରତି ସନ୍ଧ୍ୟାରେ କଣ୍ଟାପାଟ, ନିଆଁପାଟ ଓ ଝୁଲାପାଟ ଭଳି କାର୍ଯ୍ୟକ୍ରମ ଭକ୍ତମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ମା ଅମ୍ବିକା ପୀଠରୁ ଯାତ୍ରା ଘଟ ବାହାରି ଗ୍ରାମ ପରିକ୍ରମା କରିବା ପରେ ବାସୁଳୀଙ୍କ ପୀଠରେ ପହଞ୍ଚି ଥିଲା।

# ଜମୁଛି ସୁନ୍ଦରପୁର ରଜ ମହୋତ୍ସବ

## ଲିପ୍‌ସା, ତାରିକଙ୍କ ମନଛୁଆଁ ଗୀତରେ ଦର୍ଶକ ବିଭୋର

ଖଇରା, ୧୫ା୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ସୁନ୍ଦରପୁରଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ରଜ ମହୋତ୍ସବକୁ ଦର୍ଶକ ମନଭରି ଉପଭୋଗ କରୁଛନ୍ତି । ମଙ୍ଗଳବାର ପର୍ବାହ୍ନରେ ମଶାଲ ଶୋଭାଯାତ୍ରା ଠାକୁରାଣୀ ପୀଠରୁ ବାହାରି ସୁନ୍ଦରପୁର ସ୍କୁଲ ପଡିଆ ପରିକ୍ରମା କରିଥିଲା । ଶଙ୍ଖଫୁଙ୍କା ପ୍ରତିଯୋଗିତା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପେନ୍ଦ୍ର ଦାସ, ସନାତନ ବେହେରା, କ୍ଷିରାବ୍ଧି ମହାପାତ୍ର ଓ ହରପ୍ରିୟା ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ରଜରାଣୀ ପ୍ରତିଯୋଗିତାର ପ୍ରି ଅଡିସନ ପରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ସୁରେନ୍ଦ୍ର ନାଥ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଯୁଧିଷ୍ଠିର କୁଅଁର, ଗୌରଚନ୍ଦ୍ର ପଣ୍ଡା, ନରହରି ନାୟକ, ସୁରେନ୍ଦ୍ର ସାହୁ ଓ ବିନୋଦ ମହାପାତ୍ର ପ୍ରମୁଖ ଅତିଥି ଭାବେ


ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ଯୋଗ ଦେଇଥିଲେ। ବୁଧବାର ସନ୍ଧ୍ୟାରେ ଉପଦେଷ୍ଟା ଡା. ହରେକୃଷ୍ଣ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟ ଅତିଥି, ଓଡିଆ ଅଧ୍ୟାପିକା ଡ. ହରପ୍ରିୟା ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ମୋବାଇଲ ଆକର୍ଷଣ ପିଲାଙ୍କୁ ରଜ ଭଳି ପୁରୁଣା ସଂସ୍କୃତି ପରମ୍ପରାଠାରୁ ଦୂରେଇ ନେଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଲୋକପ୍ରତିନିଧି ଗଜେନ୍ଦ୍ର ପ୍ରସାଦ ରାଉତ, ଚିନ୍ତାମଣି ସାହାଣି, ସୋନାଲି ଶତପଥୀ, ଅନିତା ପାଇକରାୟ, ମମତାରାଣୀ ବେହେରା ଓ ନରୋତ୍ତମ ମହିମା ଜେନା, ପ୍ରଭାତ କୁମାର ନାୟକ ଓ ତୁଳସୀ ସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶଙ୍ଖଫୁଙ୍କା ପ୍ରତିଯୋଗିତାରେ ବିଜୟୀ ହୋଇଥିବା ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀ ଲିପ୍‌ସା ମହାପାତ୍ର ଓ ତାରିକ ଅଜିଜ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିବା ବେଳେ ଦର୍ଶକ ମନଭରି ଉପଭୋଗ କରିଥିଲେ।

ସେଲ୍ଫି କର୍ବର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ସରୋଜ


@ସଞ୍ଜୀବ


@କାକୁନ୍

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# 'ଲୋକକଳା ପ୍ରତି ସଚେତନ ରହିଲେ ସଂସ୍କୃତି ସମୃଦ୍ଧ ହେବ'


ଲୋକକଳା ଦିବସରେ ମହିଳାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଜିଲାସ୍ତରୀୟ ଲୋକକଳା ଦିବସ

କେନ୍ଦୁଝର, ୧୫ା୬ (ଦୀପକ ମିଶ୍ର/ନରେଶ ପଟ୍ଟନାୟକ)

ଲୋକକଳା ହେଉଛି ସଂସ୍କୃତିର ଭିତ୍ତିଭୂମି, ସମାଜର ଦର୍ପଣ ଏବଂ ଗୋଟିଏ ଜାତିର ପରିଚୟ। ଲୋକକଳାକୁ ଛାଡ଼ି ସଂସ୍କୃତିର ପରିକଳ୍ପନା କରାଯାଇ ନ ପାରେ। ଏଣୁ ଲୋକକଳା ପ୍ରତି ସମସ୍ତେ ସଚେତନ ରହିଲେ ସଂସ୍କୃତି ସମୃଦ୍ଧ ହେବ ବୋଲି ସଦର ବ୍ଲକ୍ ଅନ୍ତର୍ଗତ ସେଣ୍ଡକାପ ଗ୍ରାମରେ ଆୟୋଜିତ ଜିଲାସ୍ତରୀୟ ଲୋକକଳା ଦିବସରେ ଅତିଥି ଓ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ, ସଦର ବ୍ଲକ୍ ଏବଂ ସେଣ୍ଡକାପ ରଜ ମହୋତ୍ସବ କମିଟି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଦିବସରେ ସଦର ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାଗବତ ନାଏକ, ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକ, ସ୍ଥାନୀୟ ସରପଞ୍ଚ ସଞ୍ଜୟ ମୁଣ୍ଡା, ସଦର ବ୍ଲକ୍ କଳା ସଂସ୍କୃତି ସଂଘର ଉପସଭାପତି ଶରତ ଚନ୍ଦ୍ର ମହାନ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅବକ୍ଷୟମୁଖୀ ଲୋକକଳାର ପୁନର୍ଜାଗରଣ ସହିତ କଳାକାରମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ପାଇଁ ରାଜ୍ୟ ସରକାର ଯେଉଁ ପ୍ରୟାସ କରୁଛନ୍ତି ତାହା ବେଶ ପ୍ରଶଂସନୀୟ ବୋଲି କହିଥିଲେ। ଓଡ଼ିଶାର ଗଣପର୍ବ ରଜ ଅବସରରେ ଜୁନ୍ ୧୪ ତାରିଖକୁ ସାରା ରାଜ୍ୟରେ 'ଲୋକକଳା ଦିବସ' ଭାବେ ପାଳନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାରୁ ଏହାର ମହତ୍ତ୍ୱ ବଢ଼ିଯାଇଛି ବୋଲି କହିଥିଲେ। ସମାରୋହରେ ପୁରନ୍ଦର ନାଏକ ଦାସ କାଠିଆ, ପୂର୍ଣ୍ଣଚନ୍ଦ୍ର ମହାନ୍ତ ପାଲା, ଡମ୍ବରୁଧର ମହାନ୍ତଙ୍କ ଦଳ ଦ୍ୱାରା ଝୁମର ନୃତ୍ୟ ପରିବେଷଣ କରାଯାଇଥିଲା। ସୂଚନାଯୋଗ୍ୟ, ତିନିଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଭିନ୍ନ ଲୋକକଳା ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ, ଝିଅ ଓ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗ୍ରାମବାସୀଙ୍କ ସହଯୋଗରେ ଦିବସ ଧୁମ୍‌ଧାମରେ ପାଳନ ହେଉଛି।

# ଭାଇଚାରାରେ ପାଳନ ହେଉଛି ରଜ ପର୍ବ

ଧାମନଗର,୧୫ା୬(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ଡାକ୍ତରଖାନା ପାଖ ମେଳଣ ପଡ଼ିଆଠାରେ ଉଭୟ ସମ୍ପ୍ରଦାୟ ପକ୍ଷରୁ ଭାଇଚାରାରେ ଓଡ଼ିଶାର ଗଣପର୍ବ ରଜ ପାଳନ ହେଉଛି। ଧାମନଗର ବିଜ୍ଞାପିତ ଅଞ୍ଚଳରେ ବାସ କରୁଥିବା ଦୁଇ ସମ୍ପ୍ରଦାୟର ଲୋକେ ପର୍ବରେ ସାମିଲ ହୋଇ ଉପଭୋଗ କରିଥିଲେ। ଧାମନଗର ଏକତା ମଞ୍ଚ ପକ୍ଷରୁ ଆୟୋଜିତ ପର୍ବ ତିନି ଦିନ ଧରି ପାଳନ କରାଯିବ। ଗୁରୁବାର ମହୋତ୍ସବକୁ ଧାମନଗର ଥାନା ଅଧିକାରୀ ବନମାଳୀ ବାରିକ ଉଦ୍‌ଘାଟନ କରି ରଜ ନୁହେଁ ଧାମନଗର ସହରାଞ୍ଚଳରେ ଉଭୟ ସମ୍ପ୍ରଦାୟର ଲୋକେ ସମସ୍ତ ପର୍ବ ପର୍ବାଣୀଙ୍କୁ ମିଳି ମିଶି ପାଳନ କରନ୍ତି । ଯାହା ଭାଇଚାରାର ବାର୍ତ୍ତା ଦିଏ ବୋଲି କହିଥିଲେ। ଏକତା ମଞ୍ଚର ସଭାପତି କୈଳାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରସାନନ୍ଦ ମହାପାତ୍ରଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟର ଆଇନଜୀବୀ ଦେବାଶିଷ ସାମଲ, ଖବରଦାତା ବାସୁଦେବ ତ୍ରିପାଠୀ, ଅନୀଲ କୁମାର ବାରିକ, ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ସଚିକାନ୍ତ ପଣ୍ଡା, ସାମାଜିକକର୍ମୀ ଏମ୍‌ଡି ହବିବୁର ରହେମାନ ପ୍ରମୁଖ ଯୋଗଦେଇଥିଲେ। ସଭାରେ ପ୍ରଦୀପ ମହାପାତ୍ର ଅତିଥି ମଞ୍ଚ ଆମନ୍ତ୍ରଣ, କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ମଣ୍ଡା ପିଠା ବଣ୍ଟନ କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ଶିକ୍ଷାବିତ୍ ହେମେନ୍ଦ୍ର ମହାନ୍ତିଙ୍କ ସଞ୍ଚାଳନାରେ ଅତିଥିଭାବେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ପର୍ବ ଦ୍ୱାରା ଭାଇଚାରା ସୁଦୃଢ଼ ହେବ ମତବ୍ୟକ୍ତ କରିଥିଲେ।


ମଞ୍ଚରେ ଉପସ୍ଥିତ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ ଓ ଅନ୍ୟମାନେ।

# ରଜ ବଜାରରେ ବେପାର ଠପ୍

## ଖଣି ଅଞ୍ଚଳରେ ଉଲ୍ଲାସ କମିଛି

ଯୋଡ଼ା,୧୫ା୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହର ତଥା ବ୍ଲକ୍ ଅଞ୍ଚଳରେ ଏକଦା ଜାକଜମକରେ ଓଡ଼ିଶାର ଗଣପର୍ବ ରଜ ମହୋତ୍ସବ ପାଳନ ହେଉଥିଲା। ବର୍ତ୍ତମାନ ଖଣି ଉପତ୍ୟକାରେ ରଜ ଫିକା ପଡ଼ିଯାଇଛି। ବେରୋଜଗାରୀ, ଅର୍ଥ ଅଭାବ ମୁଖତଃ ପର୍ବ ପାଳନର ଉଲ୍ଲାସକୁ କମାଇଦେଇଛି। ଅଞ୍ଚଳବାସୀ ରେଳ ସାଇଡିଂ, ଖଣି, ଟ୍ରକ୍ ଲୋଡିଂ ଶ୍ରମିକ, ମଜୁରୀ କରି ଭଲ ଦି ପଇସା ରୋଜଗାର କରି ବିଭିନ୍ନ ପର୍ବପର୍ବାଣୀକୁ ପାଳନ କରୁଥିଲେ। ୨୦୨୦ ପରେ ଖଣି ଅଞ୍ଚଳରେ ଶ୍ରମିକ ମାନଙ୍କ ରୋଜଗାରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଆଦିବାସୀ ଅଧୁଷିତ ଅଞ୍ଚଳର ପ୍ରାୟ ୬୦ ହଜାରରୁ ଊର୍ଦ୍ଧ୍ୱ ରେଳ ଲୋଡିଂ ଶ୍ରମିକ ବାହାର୍‌କୁ କାମ ଧନ୍ଦା ଅନ୍ୱେଷଣରେ ଚାଲି ଯାଉଛନ୍ତି। ଅତ୍ୟଧିକ ଯାନ୍ତ୍ରିକ ପଦ୍ଧତିରେ ଖଣି ଖନନ ହେତୁ ଶ୍ରମିକ ଛଟେଇ ହୋଇ କାର୍ଯ୍ୟ ହରାଇଲେ ବୋଲି ଶ୍ରମିକ ନେତା ମହେଶ୍ୱର ରାଉତ କହିଛନ୍ତି। ଆର୍ଥିକ ସ୍ଥିତି ପର୍ବ ପର୍ବାଣୀ ପାଳନ ଉତ୍ସାହକୁ କମାଇଦେଇଛି। ଚଳିତ ବର୍ଷ ଖଣି ଅଞ୍ଚଳରେ ରଜ ଦୋଳି ଦେଖିବାକୁ ମିଳୁନାହିଁ। ଯୋଡ଼ା ଗ୍ରାମାଞ୍ଚଳରେ ଚାଷ ଉପରେ ନିର୍ଭର କରୁଥିବା ଲୋକେ ଏବଂ ସହରର ବିଲେଇପଦା, ଚମକପୁର, ଅସେଇଁ କଳା, ବଳିତା, ବିରି କଳା ପ୍ରଭୃତି ଗ୍ରାମରେ ରଜ ପର୍ବ ଦେଖିବାକୁ ମିଳିଛି। ଯୋଡ଼ାର ବ୍ୟବସାୟୀ ମୁସ୍ତ ଫିଜ ତହିଦ, ବିଜୟ କାନସାରୀ, ଏମ୍‌ଡି ଫେଜୁଲା ପ୍ରମୁଖ କହିଛନ୍ତି, ସହରରେ ନିର୍ମାଣାଧୀନ ଫ୍ଲାଏ ଓଭର ପାଇଁ ନିମ୍ନ ମଧ୍ୟବିତ୍ତ ଲୋକେ ବଜାର ମଧ୍ୟକୁ ଆସିବାକୁ ଆଗ୍ରହ ଦେଖାଉନାହାନ୍ତି। ଅନ୍ୟପକ୍ଷରେ ଅନେକ ଖଣି କମ୍ପାନୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ବିହାର ପ୍ରଭୃତି ଅଞ୍ଚଳରୁ ଶ୍ରମିକ ଆଣି ଠିକା ଶ୍ରମିକ ଭାବେ ନିଯୁକ୍ତି ଦେଉଛନ୍ତି। ଫଳରେ ସ୍ଥାନୀୟ ଲୋକେ କାମ ପାଉନାହାଁନ୍ତି। ଅଞ୍ଚଳର ସାମାଜିକ, ଆର୍ଥିକ ସ୍ଥିତି ଦୁର୍ବଳ ହେବା ସହିତ ପାରମ୍ପାରିକ ପର୍ବ ପର୍ବାଣୀ ମଧ୍ୟ ଖଣି ଅଞ୍ଚଳରୁ ଆଂଶିକ ବିଲୁପ୍ତ ହେବାର ଲାଗିଛି ବୋଲି ବ୍ୟବସାୟୀ ଓ ସ୍ଥାନୀୟ ଲୋକେ କହିଥିଲେ।


ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ପୌରପାଳିକା ପକ୍ଷରୁ ରଜ ମହୋତ୍ସବ ଉଦ୍‌ଘାଟିତ

ବାସୁଦେବପୁର,୧୫ା୬ (ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ପୌରପାଳିକା ପକ୍ଷରୁ ନୀଳମଣି ଟାଉନ ହଲ ପରିସରରେ ୨ୟ ବାର୍ଷିକ ରଜ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ନିବେଦିତା ବେହେରା ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଅସୀତ ଦାଶ, ପୌରପାଳିକା ଭାଇସ ଚେୟାରମ୍ୟାନ ଉତ୍ତମ ବାରିକ, ୱାର୍ଡ଼ କାଉନସିଲର ଭକ୍ତରଞ୍ଜନ ପଟ୍ଟନାୟକ, ଜଗବନ୍ଧୁ ଦାସ, ଗୌରୀ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପୌର ନିର୍ବାହୀ ଅଧିକାରୀ ମାନସ କୁମାର ଦଣ୍ଡପାଟ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମହିଳାମାନେ ଯୋଗଦେଇ ପିଠା, ପାନ, ମିଠା ଆଦିର ପ୍ରଦର୍ଶନ କରିଥିଲେ। ରଜ ଦୋଳିରେ ମହିଳା ଓ ଅତିଥିମାନେ ଝୁଲିଥିଲେ।

## ନିଟ୍ ପରୀକ୍ଷାରେ ନବନୀତା, ଅଭିଜିତ୍‌ଙ୍କ ସଫଳତା

ବାରିପଦା ,୧୫ା୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍) ପରୀକ୍ଷାରେ ମୟୂରଭଞ୍ଜ ଜିଲାର ୨ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସର୍ବଭାରତୀୟ ର୍‍ୟାଙ୍କରେ ୬୦୦୦ସ୍ଥାନରେ ବାରିପଦା ବ୍ରହ୍ମମନ୍ଦିର ସାହିର ସାଇ ନବନୀତା ସାହୁ ୬୫୪ ନମ୍ବର ରଖି ମୟୂରଭଞ୍ଜ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ବିନା କୋଚିଂରେ ପ୍ରଥମ ଥର ପରୀକ୍ଷା ଦେଇ ସେ ଜିଲାରେ ପ୍ରଥମ ହୋଇଛନ୍ତି। ଡାକ୍ତର ହୋଇ ସମାଜ ସେବାରେ ବ୍ରତି ରହିବେ ବୋଲି ସେ କହିଛନ୍ତି । ପିତା ଅମୀୟ ସାହୁ, ମାତା ମମତା, ଜେଜେବାପା ଅନନ୍ତ ପ୍ରସାଦ, ଜେଜେମାଆ ମାନିନୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ପରିବାର ଲୋକଙ୍କ ଆଶୀର୍ବାଦରୁ ଏହି ସଫଳତା ମିଳିଛିବୋଲିସେପ୍ରକାଶ କରିଛନ୍ତି। ସେହିପରି ସର୍ବଭାରତୀୟ ର୍‍ୟାଙ୍କରେ ୬୫୨୫ସ୍ଥାନରେ ବାରିପଦାର ଅଭିଜିତ ମହାପାତ୍ର ସଫଳତା ହାସଲ କରିଛନ୍ତି।


ନବନୀତା।


ଅଭିଜିତ।

ବିନା କୋଚିଂରେ ଦିନକୁ ୧୮ଘଣ୍ଟା ପରିଶ୍ରମ କରି ସେ ଏହି ସଫଳତା ହାସଲ କରିଛନ୍ତି ବୋଲି କହିଛନ୍ତି। ଡାକ୍ତର ହୋଇ ରୋଗୀସେବାରେ ବ୍ରତି ରହିବେ ବୋଲି ସେ କହିଛନ୍ତି । ଶିକ୍ଷୟିତ୍ରୀ ଶିକ୍ଷକ, ପିତା ଦେବରାଜ, ମାତା ପୁଷ୍ପିତା, ମାମୁ କିଶୋର ଆଚାର୍ଯ୍ୟଙ୍କ ସମେତ ପରିବାର ଲୋକଙ୍କ ଆଶୀର୍ବାଦରୁ ଏହି ସଫଳତା ମିଳିଛି ବୋଲି ସେ ପ୍ରକାଶ କରିଛନ୍ତି ।

## ବୋଟ୍‌ରୁ ଖସି ଶ୍ରମିକଙ୍କ ମୃତ୍ୟୁ

ରୂପସା, ୧୫ା୬(ବାଞ୍ଛାନିଧି ଦେ)- ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ମାଛଧରା କେନ୍ଦ୍ରରେ ଏକ ଅଘଟଣ ଘଟିଛି। ଏକ ବୋଟ୍‌ରେ ରଙ୍ଗ ଦେଉଥିବା ବେଳେ ଜଣେ ଶ୍ରମିକ ବୋଟ୍‌ରୁ ସମୁଦ୍ର ଭିତରକୁ ଖସି ପଡ଼ି ପ୍ରାଣ ହରାଇଛି। ମୃତ ଯୁବକ ହେଲେ ଚାନ୍ଦିପୁର ଥାନା ପଞ୍ଚିବାଗ ଅଞ୍ଚଳର ବାସୁଦେବ ଗିରି (୪୦)। ସେ ରଙ୍ଗ ଦେଉଥିବା ବେଳେ ଅସାବଧାନବଶତଃ ସମୁଦ୍ରକୁ ଖସି ପଡ଼ିଥିଲେ। ମେରାଇନ ଥାନା ପୋଲିସ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ମେଡ଼ିକାଲ ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ବିଳମ୍ବରେ ପହଞ୍ଚିବାରୁ ଡାକ୍ତର ଅଟକ

## ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

ରୂପସା, ୧୫ା୬(ବାଞ୍ଛାନିଧି ଦେ)

ଦୁଇଜଣ ଡାକ୍ତର ୩ଘଣ୍ଟା ବିଳମ୍ବରେ ପହଞ୍ଚିବାକୁ କେନ୍ଦ୍ର କରି ଗୁରୁବାର ବାଲେଶ୍ୱର ଜିଲା ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ସପ୍ତାହରେ ଗୋଟିଏ ଦିନ ଶିଶୁରୋଗ ଓ ସ୍ତ୍ରୀରୋଗ ବିଶେଷଜ୍ଞ ଆସୁଥିବାରୁ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଖାତିର୍ ନ କରି ପ୍ରସୂତି ଏବଂ ଶିଶୁମାନଙ୍କୁ ଧରି ମା'ମାନେ ସକାଳ ୭ଟାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ମାତ୍ର ୩ଘଣ୍ଟା ପରେ ଡାକ୍ତରଦ୍ୱୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବାରୁ ମୁଖ୍ୟ ଦ୍ୱାର ବନ୍ଦ କରି ଲୋକେ ଡାକ୍ତରଙ୍କୁ ଅଟକ ରଖିଥିଲେ।

ଏହା ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାରୁ ଦୀର୍ଘ ଦିନରୁ ଶିଶୁରୋଗ ଓ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ପଦବୀ ଫାଙ୍କା ରହିଥିଲା।


ଉତ୍ତ୍ୟକ୍ତ ଲୋକଙ୍କୁ ମେଡିକାଲ ଅଫିସର ବୁଝାଶୁଝା କରୁଛନ୍ତି।

ବାରମ୍ବାର ଅଭିଯୋଗ ହେବାରୁ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ସିଡ଼ିଏମଓଙ୍କ ନିର୍ଦ୍ଦେଶକ୍ରମେ ଜଣେ ଶିଶୁରୋଗ ବିଶେଷଜ୍ଞ ନମିତା ନାୟକ ଓ ଜଣେ ସ୍ତ୍ରୀରୋଗ ବିଶେଷଜ୍ଞ ଆରତୀ ଜେନାଙ୍କୁ ପ୍ରତ୍ୟେକ ଗୁରୁବାର ରୋଗୀ ଦେଖିବା ନିମନ୍ତେ ଏଠାକୁ ଡେପୁଟେଶନରେ ପଠାଇଥିଲେ। ତେବେ ରୋଗୀମାନେ ସକାଳ ୭ଟାରୁ ଅପେକ୍ଷା କରି ରହିଥିବା ବେଳେ ଦିନ ୧୦ଟାରେ ଉଭୟ ଡାକ୍ତର ଡାକ୍ତରଖାନାରେ ପହଞ୍ଚିବାରୁ ରୋଗୀଙ୍କ ସମ୍ପର୍କୀୟ ଡାକ୍ତରଖାନାର ମୁଖ୍ୟ ପ୍ରବେଶ ପଥର ସଟରକୁ ବନ୍ଦ କରି ଡାକ୍ତରଙ୍କୁ ଭିତରକୁ ଛାଡ଼ି ନ ଥିଲେ। ପରେ ଡାକ୍ତରଖାନାର ଭାରପ୍ରାପ୍ତ ଅଧିକାରୀ ଡା. ବିନୟ କୁମାର ଦାସମହାପାତ୍ର, ଆୟୁଷ ମେଡିକାଲ ଅଫିସର ଡା. ଅସିତ କୁମାର ପ୍ରଧାନ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଉଭୟ ଡ଼ାକ୍ତର ପରବର୍ତ୍ତୀ ଗୁରୁବାରଠାରୁ ଦିନ ୯ଟାଠାରୁ ୧୨ଟା ପର୍ଯ୍ୟନ୍ତ ରୋଗୀ ଦେଖିବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ମେଡିକାଲ ଅଫିସର ସିଡିଏମଓଙ୍କୁ ଟେଲିଫୋନ ଯୋଗେ ଅବଗତ କରାଇଛନ୍ତି ବୋଲି କହିଛନ୍ତି।

